# ପୋଖରୀ ସୌନ୍ଦର୍ଯ୍ୟକରଣ: ୪୫ ପରିବାର ବାସହରା

ଯାଜପୁର ଅଫିସ/ଯାଜପୁର ସଦର (ଡି.ଏନ.ଏ.), ୬।୬

ସର୍ବଧର୍ମ ସମନ୍ୱୟର ପ୍ରତୀକ ବରାହ-ବିରଜା କ୍ଷେତ୍ର ଭାବେ ପରିଚିତ ଯାଜପୁର ସହରର ନବକଳେବର କାର୍ଯ୍ୟ ଗତ ପ୍ରାୟ ୫ ବର୍ଷ ହେବ ଜୋର ଧରିଛି। କୁସୁମା ପୋଖରୀ ଆକର୍ଷଣୀୟ ରୂପରେ ସଜେଇ ହୋଇ ପର୍ଯ୍ୟଟକଙ୍କ ପାଇଁ ଆମୋଦପ୍ରମୋଦର କେନ୍ଦ୍ର ପାଲଟିଛି। ଏହାପରେ ସହରର ଦକ୍ଷିଣ-ପଶ୍ଚିମ କୁଆଖିଆ ରାସ୍ତାରେ ରହିଥିବା ଷଢ଼େଇ ପୋଖରୀର ସୌନ୍ଦର୍ଯ୍ୟକରଣ ସହ ଯଶସ୍ୱୀ ରାଜା ଯଯାତି କେଶରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିପାଇଁ ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତ ଅନ୍ତର୍ଗତ ଗୋଖନା ଗ୍ରାମରେ ୮ ଏକର ଜମି ଚିହ୍ନଟ କରାଯାଇଛି। ସରକାର ୨୦ କୋଟି ୭୬ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାପଡ଼ିଛି। ତେବେ ୬୦/୭୦ ବର୍ଷ ହେବ ସେଠାରେ ବାସ କରୁଥିବା ପ୍ରାୟ ୪୫ ଗରିବ ପରିବାର ଏହି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ବାସହରା ହେଉଛନ୍ତି। ସେଥିମଧ୍ୟରୁ ପ୍ରାୟ ୧୩ ପରିବାର ଆବାସ ଯୋଜନାରେ ଘର ମଧ୍ୟ ପାଇଛନ୍ତି। ଯାଜପୁର ତହସିଲ ପକ୍ଷରୁ ବିନା ଥଇଥାନରେ ସେମାନଙ୍କୁ ୭ ତାରିଖଠାରୁ ଉଚ୍ଛେଦ କରିବାକୁ ନୋଟିସ ଜାରି କରାଯାଇଛି। ଏହିକ୍ରମରେ


ନିର୍ମାଣାଧୀନ ରାଜା ଯଯାତି କେଶରୀଙ୍କ ପ୍ରତିମୂର୍ତ୍ତି।

- ଆଜିଠୁ ଉଚ୍ଛେଦ ଆରମ୍ଭ ହେବ
- ଘର ଛାଡ଼ିବେ ଇନ୍ଦିରା ଆବାସ ପାଇଥିବା ପରିବାର

ବାସହରା ହେବାକୁ ଥିବା ପରିବାରଙ୍କ ମଧ୍ୟରେ ଦୁଃଖର ପାହାଡ଼ ପଡ଼ିଛି।
ସୂଚନାଯୋଗ୍ୟ ଯେ, ଯାଜପୁର ମଲ୍ଲିକାପୁର ବୁଢ଼ାଘାଟଠାରୁ ସଦର ବ୍ଲକ ଛକ ପର୍ଯ୍ୟନ୍ତ ୨ କିମି ଅଞ୍ଚଳକୁ ପର୍ଯ୍ୟଟନ ଜୋନ୍ ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରାଯାଇଛି। ଏଥିରେ ଅମୃତ ସରୋବର, ଯଯାତି ଉଦ୍ୟାନ, ଗ୍ରାମୀଣ ପର୍ଯ୍ୟଟନ କେନ୍ଦ୍ର ଓ ଜନସୁବିଧା କେନ୍ଦ୍ର ନିର୍ମାଣ କରାଯିବ। ଗୋଖନା ସଂଲଗ୍ନ ଅଞ୍ଚଳରେ ବହୁ ପୁରାତନ ଷଢ଼େଇ ପୋଖରୀ ରହିଛି। ଏହି ପୋଖରୀର ଚତୁଃପାର୍ଶ୍ୱରେ କୁସୁମା ଭଳି ଉଦ୍ୟାନ ନିର୍ମାଣ ଲକ୍ଷ୍ୟ ରହିଛି। ଏଥିସହ ମୁଖ୍ୟରାସ୍ତା କଡ଼ରେ ୧୦ ଜଣ ବିପ୍ରଙ୍କ ସହ ଯଯାତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏହି ମୂର୍ତ୍ତିଗୁଡ଼ିକ ଭୁବନେଶ୍ୱର ଜୟଦେବ ବିହାରଠାରେ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ନିର୍ମାଣ ଚାଲିଥିବା ସୂଚନା ମିଳିଛି। ତେବେ ଏହି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ବାସହରା ହେଉଥିବା ୪୫ ଗରିବ ପରିବାରଙ୍କ ମୁଣ୍ଡରୁ ଛାତ ଉଡ଼ିଯାଉଛି। କେଉଁଠିକୁ ଯିବେ ସେ ନେଇ ବାସହରା ପରିବାରଙ୍କ ନିଦ ହଜିଯାଇଛି। ସେମାନଙ୍କ ମଧ୍ୟରୁ ନିରୋଧ ଦାସ, ହଳଧର ଦାସ, ମଦନମୋହନ ଦାସଙ୍କୁ ଜମିପଟ୍ଟା ମିଳିଥିବାବେଳେ କେତେଜଣ ଇନ୍ଦିରାଆବାସ ଘର ଓ ଚାଳଛପର ଘରେ ରହୁଛନ୍ତି। ସଦାନନ୍ଦ ରାଉତ, କାହ୍ନୁଚରଣ ଜେନା, ବିଷ୍ଣୁ ଜେନା, ଜାନକୀ ଦାସ, ସାବିତ୍ରୀ ସିଧୁ ପ୍ରମୁଖ ସେମାନଙ୍କ କୋହକୁ ସମ୍ଭାଳି ପାରୁନାହାନ୍ତି।

### ଏମାନେ ଯାହା କୁହନ୍ତି...


୨୦ ବର୍ଷ ହେଲା ଏହି ମାଟିରେ ରହି ଆସୁଛୁ। ମୋର ଆଉ କୋଉଠି ଇଞ୍ଚେ ବି ଜମି ନାହିଁ। ମୁ କେମିତି ରହିବି କ'ଣ କରିବି କିଛି ବୁଝି ପାରୁନାହିଁ। ହଠାତ ତହସିଲଦାର ନୋଟିସ ଦେଲେ ଘର ଛାଡ଼ ବୋଲି। ବିନା ଥଇଥାନରେ ଏମିତି ନୋଟିସ ମିଳିବା ପରେ ପିଲାଛୁଆ ଧରି କେଉଁଠି ଆଶ୍ରୟ ନେବୁ।

-ଜାନକୀ ଦାସ


ମୁଁ ଏଠାରେ ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା ରହି ଆସୁଛି। କୁଲି ମଜୁରି କଲେ ଖାଇବାକୁ ମିଳୁଛି। ଛୁଆ ପିଲାଙ୍କୁ ନେଇ କୁଆଡେ ଯିବି ଏବଂ କେଉଁଠି ରହିବି ସେହି ଚିନ୍ତା ଘାରିଛି।

-ସାବିତ୍ରୀ ସିଧୁ


ତହସିଲଦାର ଗତକାଲି ନୋଟିସ ଦେଲେ, ଆଜି ଘର ଛାଡୁଛୁ। ପରିବାରକୁ ନେଇ କେଉଁଠିକୁ ଯିବୁ। ୫୦ ବର୍ଷ ଧରି ଏହି ଜାଗାରେ ରହି ଆସୁଥିଲୁ।

-ସେକ୍ ସିକନ୍ଦର

## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣକୁ ବଡ଼ଚଣା ପ୍ରେସ ଫୋରମ୍‌ର ନିନ୍ଦା

ଚଣ୍ଡିଖୋଲ,୬।୬(ଡି.ଏନ୍.ଏ.): ଯାଜପୁର ଜିଲା ରଗଡ଼ିର ଧରିତ୍ରୀ ଖବରଦାତା ଚନ୍ଦ୍ରକାନ୍ତ ପତିଙ୍କ ଉପରେ ଗତ ୪ତାରିଖରେ ହୋଇଥିବା ଆକ୍ରମଣକୁ ବଡ଼ଚଣା ପ୍ରେସ ଫୋରମ୍ ପକ୍ଷରୁ ନିନ୍ଦା କରାଯାଇଛି। ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ କରିବା ଏଥିସହିତ କୋରେଇ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦିଆଯାଉଛି। ଅନ୍ୟପକ୍ଷେ ଆକ୍ରମଣର ଶିକାର ହୋଇଥିବା ଖବରଦାତାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏନେଇ ବଡ଼ଚଣା ପ୍ରେସ ଫୋରମ୍ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ବରିଷ୍ଠ ଖବରଦାତା ମହେଶ୍ୱର ବଳ, ଭକ୍ତ ଚରଣ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ଉତ୍କଳ କେଶରୀ ପ୍ରଧାନ, ପ୍ରମୋଦ କୁମାର ଜେନା, ସଞ୍ଜୀବ କୁମାର ସାମଲ, ସେକ ଇକବଲ ହୁସେନ, ଚନ୍ଦ୍ରଶେଖର ପୃଷ୍ଟି, ମନମୋହନ ରାଉତ, ବିଭୁ ପ୍ରସାଦ ପୃଷ୍ଟି, ସୌମ୍ୟ ରଞ୍ଜନ ସାହୁ, ପ୍ରଭାସ କୁମାର ଦାସ, ପ୍ରଫୁଲ୍ଲ କୁମାର ପଣ୍ଡା, ଘନଶ୍ୟାମ ବିଶ୍ୱାଳ, ପ୍ରମୋଦ କୁମାର ପଣ୍ଡା, ତ୍ରୈଲୋକ୍ୟ ନାୟକ, ମନୋଜ କୁମାର ମହାନ୍ତି, ବସନ୍ତ କୁମାର ପଲେଇ, ଅଜୟ କୁମାର ଦାସ, ତୁଷାର ଜେନା ପ୍ରମୁଖ ପୋଲିସର କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି।

### ଗୋଡ଼ିମାଗୁରା ଗ୍ରାମରେ ଭାଲୁ ଆତଙ୍କ

ଚଣ୍ଡିଖୋଲ,୬।୬(ଡି.ଏନ୍.ଏ.): ବୈରୀ ଡାଲିଯୋଡ଼ାରେଞ୍ଜ ଅଧୀନ ଶାଳପଡ଼ା ପଞ୍ଚାୟତ ଗୋଡ଼ି ମଗୁରା ଗ୍ରାମକୁ ଏକ ଭାଲୁ ରବିବାର ପଶି ଆସିଥିଲା। ଭାଲୁଟି ଚାଷ ଜମିରେ ବୁଲୁଥିବା ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ଭାଲୁକୁ ଘଉଡାଇ ନେଇ ଢେଙ୍କାନାଳ ଜିଲା ଜଙ୍ଗଲରେ ଛାଡ଼ିଦେଇଛନ୍ତି। ଭାଲୁଟି କାହାର କିଛି କ୍ଷତି କରି ନାହିଁ। ଏ ସମ୍ପର୍କରେ ବନପାଳ ଶଶୀକାନ୍ତ ବେହେରା କୁହନ୍ତି, କୌଣସି କାରଣ ବଶତଃ ଭାଲୁଟି ଢେଙ୍କାନାଳ ଜଙ୍ଗଲରୁ ପଳାଇ ଆସିଥିଲା। ତାକୁ ଆମେ ଘଉଡାଇ ସେଠାରେ ଛାଡ଼ି ଦେଇଛୁ।

### ଖରସ୍ରୋତା ନଦୀରେ ବୁଡ଼ି ନାବାଳକ ମୃତ

ବିଞ୍ଝାରପୁର/ପ୍ରୀତିପୁର,୬।୬(ଡି.ଏନ.ଏ.): ବିଞ୍ଝାରପୁର ଥାନା ଅଧୀନ ରଣପୁର ପଞ୍ଚାୟତ ରଣପୁର ଗ୍ରାମର ଜଣେ ନାବାଳକଙ୍କ ଖରସ୍ରୋତା ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ରଣପୁର ଗ୍ରାମର ସନ୍ତୋଷ ଦାସଙ୍କ ପୁଅ ସୌଭାଗ୍ୟ(୧୫)। ସବୁଦିନ ପରି ସୋମବାର ମଧ୍ୟାହ୍ନରେ ସେ ନିଜ ଘର ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧେଇ ଯାଇଥିଲେ। ହେଲେ କୌଣସି କାରଣରୁ ସେ ଭାସିଯାଇ ଭଣ୍ଡାରୀଗଣ୍ଡ ଗଭୀର ଜଳକୁ ଚାଲି ଯାଇଥିଲେ। ସୌଭାଗ୍ୟ ବୁଡ଼ି ଯାଉଥିବା ଦେଖି ଅନ୍ୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସୌଭାଗ୍ୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବିଞ୍ଝାରପୁର ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୨) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସୌଭାଗ୍ୟ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ।

## ନୂଆ ବଦଳରେ ପୁରୁଣା ପେନସନ ଦାବି



ବୈଠକରେ ଯୋଗଦେଇଥିବା ଯାଜପୁର ଜିଲା ମିଳିତ ସଂଘର କର୍ମକର୍ତ୍ତା।

ଯାଜପୁର ଅଫିସ,୬।୬

ନୂଆ ନୁହେଁ, ପୁରୁଣା ପେନସନ୍ ଆମର ହକ୍। ଏଭଳି ଦାବି ସହିତ ଏନ୍‌ଏମ୍‌ଓପିଏସ୍ (ନ୍ୟାଶନାଲ ମୁଭମେଣ୍ଟ ଫର୍ ଓଲ୍ଡ ପେନସନ ସ୍କିମ୍) ବ୍ୟାନରରେ ଯାଜପୁର ଜିଲାର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ନେଇ ଏକ ସଭା ବିରଜା ସରକାରୀ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସେକେଣ୍ଡାରୀ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର ଶତପଥୀ ଏବଂ ଯାଜପୁର ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନାରାୟଣଚନ୍ଦ୍ର ମହାଳିକଙ୍କ ମିଳିତ ଆବାହନରେ ଆୟୋଜିତ ଅଧିବେଶନରେ ରାଜ୍ୟ ପ୍ରତିନିଧି ଭାବେ ସେକେଣ୍ଡାରୀ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଆଇଚ ମୁଖ୍ୟ ଅତିଥି ଭାବେ

### ଯାଜପୁର ଜିଲା ମିଳିତ ସଂଘ ବୈଠକ

ଯୋଗଦେଇଥିଲେ। ଯାଜପୁର ଜିଲାର ଶିକ୍ଷାବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଏନ୍‌ପିଏସ୍ ଅନ୍ତର୍ଭୁକ୍ତ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

ସରକାରଙ୍କ ଏନ୍‌ପିଏସ୍ ପରି ଏକ ଯନ୍ତ୍ରଣା ଏବଂ ଅପରିଣାମଦର୍ଶୀ ବ୍ୟବସ୍ଥା ବିରୋଧରେ ଲଢେଇ ଜୋରଦାର କରି ଓପିଏସ୍‌ର ପୁନଃ ପ୍ରଚଳନ ନିମନ୍ତେ ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ଜିଲାସ୍ତରୀୟ କାର୍ଯ୍ୟ ନିର୍ବାହୀ କମିଟି ଗଠନ କରାଯାଇଛି। କମିଟିରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନାରାୟଣ ମହାଳିକ, ରଶ୍ମିରଞ୍ଜନ ଧଳ, ପଦ୍ମନାଭ ସାହୁ, ଧର୍ମେଜୟ ରାଉତ, ପ୍ରଭାକର ସାହୁ, ନୀହାର ରଞ୍ଜନ ଓଝା, ପ୍ରମୋଦ କୁମାର ଦାସଙ୍କୁ ସଭ୍ୟ ଭାବେ ମନୋନୀତ କରାଯାଇଛି। ଜିଲା ମାଧ୍ୟମିକ ଶିକ୍ଷକ ସଂଗଠନ ତରଫରୁ ରାଜେନ୍ଦ୍ର କୁମାର ଶତପଥୀ, ଜିତେନ୍ଦ୍ର କୁମାର ସାହୁ, ପ୍ରକାଶ କୁମାର ପଣ୍ଡା, କୁମାରସେନ୍ ସେନାପତି, ଅମିୟ କୁମାର ସ୍ୱାଇଁ, ଶଶିକାନ୍ତ ଜେନା ଏବଂ ପ୍ରବୋଧ କୁମାର ପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ସହାଶ୍ରାଂଶୁ ଶେଖର ମହାନ୍ତି(ପ୍ରାଥମିକ), ଅନୱର ଅଲ୍ଲୀ ଖାନ୍ (ପ୍ରାଥମିକ), କୈଳାସ ଚନ୍ଦ୍ର ନାୟକ (ପ୍ରାଥମିକ) ଏବଂ ଅମ୍ରେଶ ପଣ୍ଡା (ମାଧ୍ୟମିକ) ଓ ଚିନ୍ମୟ ଧଳ (ମାଧ୍ୟମିକ) ପ୍ରମୁଖଙ୍କୁ ଜିଲା ତରଫରୁ ଏନ୍‌ଏମ୍‌ଓପିଏସ୍‌ର ରାଜ୍ୟ କମିଟିକୁ ଜିଲା ପ୍ରତିନିଧି ଭାବେ ମନୋନୀତ କରାଯାଇଛି।

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ

### ଆନ୍ଦୋଳନ ଧମକ ଦେଲେ ଭାଜପା ନେତ୍ରୀ

ଧର୍ମଶାଳା,୬।୬(ଡି.ଏନ୍.ଏ.)

ଧର୍ମଶାଳା ପୋଲିସର ପକ୍ଷପାତିତା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛି ଧର୍ମଶାଳା ଭାଜପା। ଏନେଇ ସୋମବାର ଜାରକାସ୍ଥିତ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ଦୃଢ ନିନ୍ଦା କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାସ ୨୬ତାରିଖରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହିଶରା ପଞ୍ଚାୟତ ରମ୍ପେଇ ଗ୍ରାମରେ କେତେଜଣ ଯୁବକ ପାହାଡ଼ ଓ ବେଆଇନ କ୍ରସରକୁ ନେଇ ଜଣେ କ୍ରସର ମ୍ୟାନେଜରଙ୍କୁ ଆକ୍ରମଣ କରିଥିଲେ। ସେହିଦିନଠାରୁ ପୋଲିସ କାହାରିକୁ ଗିରଫ କରିପାରି ନ ଥିଲା। କିନ୍ତୁ ରବିବାର ସ୍ଥାନୀୟ ବିଧାୟକଙ୍କ ପ୍ରରୋଚନାରେ ଜେନାପୁର ପୋଲିସ ଧର୍ମଶାଳା ପୋଲିସର ସହଯୋଗରେ ଭାଜପା ନେତା ବିଭୂତି ଭୂଷଣ ଜେନା, ତପନ ରଞ୍ଜନ ମାହୁନ୍ତ, ଅର୍ଜୁନ ନାୟକ ଓ ତପନ ପରିଡ଼ାଙ୍କୁ ଏହି ଘଟଣାରେ ସମ୍ପୃକ୍ତି ଦର୍ଶାଇ ରାତି ଅଧିଆ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜେନାପୁର ପୋଲିସ ପ୍ରକୃତ ଦୋଷୀକୁ ଧରି ନ ପାରି ଭାଜପା କର୍ମକର୍ତ୍ତାଙ୍କୁ ଗିରଫ କରିବା ନେଇ ଭଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସର ଏପରି ଦାଦାଗିରି ପ୍ରତିବାଦରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସ୍ଥିର କରିଛି। ଜେନାପୁର ଥାନା ଅଧୀନ ବିଛାଖଣ୍ଡି ପାହାଡ ଲିଜ୍ ପ୍ରକ୍ରିୟାକୁ ଉଚ୍ଚ ନ୍ୟାୟାଳୟ ବନ୍ଦ କରିଥିବା ବେଳେ ସରକାରୀ ଦଳର ନେତା ଓ କର୍ମୀଙ୍କ ପ୍ରରୋଚନାରେ ବ୍ୟବସାୟୀମାନେ ବେଫିକର ଖନନ କାମ ଜାରି ରଖିଛନ୍ତି। ଏପରି ସ୍ଥିତିରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଭାଜପା ନେତ୍ରୀ ପହି ଅଭିଯୋଗ କରିଛନ୍ତି। ଏହାକୁ ନେଇ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବା ସହ ଥାନା ଘେରାଉ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ରାସ୍ତା କାମ ଆରମ୍ଭ ନ ହେଲେ ଗଣଧାରଣା

ଯାଜପୁର ରୋଡ,୬।୬(ଡି.ଏନ.ଏ.)

ମଥୁରାପୁର-କଡମିଆଁ, ନୟାହାଟ ପାଟଣା-ସୋଲପାଟିଆ ଓ ଖଜୁରିନାଲୁଆ ରାସ୍ତାର ପ୍ରଶସ୍ତୀକରଣ କାମ ଜୁନ୍ ୨୨ ପୂର୍ବରୁ ଆରମ୍ଭ ନ ହେଲେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସୋମବାର ବ୍ୟାସନଗରଠାରେ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାୟୀ ରାସ୍ତା ନିର୍ମାଣକୁ ନେଇ ଏହି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୂର୍ବରୁ ୨ ଥର ଏହି ରାସ୍ତା ସମ୍ପର୍କରେ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହି ବୋଲି ସମିତିର କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସମିତିର ଉପସଭାପତି ଆଲୋକ ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ସୀତାକାନ୍ତ କୁଅଁର, ସମ୍ପାଦକ ପଦ୍ମନାଭ ନାୟକ, ସହ-ସମ୍ପାଦକ ମନୋରଞ୍ଜନ ନାୟକ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବୋଇତାଇ, ପ୍ରମୋଦ ପାତ୍ର, ପ୍ରହଲ୍ଲାଦ ଦେଓ, ଟୁଟୁ ଜେନା, ଜଗବନ୍ଧୁ ନାୟକ ଉକ୍ତ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ୫-ଟି ସଚିବଙ୍କୁ ଭେଟିଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା

ବିଞ୍ଝାରପୁର,୬।୬(ଡି.ଏନ.ଏ.)



ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ ସୋମବାର ପୂର୍ବାହ୍ନରେ ଭୁବନେଶ୍ୱରଠାରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ କରି ବ୍ଲକ ଅଧ୍ୟକ୍ଷା ଦାସ ବିଞ୍ଝାରପୁର ବ୍ଲକର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଞ୍ଝାରପୁର ବ୍ଲକର ପ୍ରତିଟି ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବି ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ସମୟରେ ବିଞ୍ଝାରପୁର ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ ମଧ୍ୟ ଉପସ୍ଥିତ ଥିଲେ।

### ଦୁଇ ଯୁବ ବ୍ୟବସାୟୀଙ୍କୁ ଶ୍ରଦ୍ଧାଞ୍ଜଳି

ଯାଜପୁର ଟାଉନ,୬।୬(ଡି.ଏନ.ଏ.)

ଯାଜପୁର ସହର ଶୀତଳେଶ୍ୱର ଗ୍ରାମ ଉନ୍ନୟନ କମିଟି ଓ ବଜାର କମିଟି ପକ୍ଷରୁ ୨ ଯୁବ ବ୍ୟବସାୟୀ ପଦ୍ମଲାଭ ପତି (ପଦୁନନା) ଓ ଉପେନ୍ଦ୍ର ବେହେରାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ସନ୍ଧ୍ୟାରେ ଶୀତଳେଶ୍ୱର ଛକରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶୀତଳେଶ୍ୱର ବଜାର କମିଟିର ସଭାପତି ନିକୁଞ୍ଜବିହାରୀ ସାମଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଶୀତଳେଶ୍ୱର ବଜାର କମିଟି ଓ ଗ୍ରାମ ଉନ୍ନୟନ କମିଟିର ସମସ୍ତ ସଭ୍ୟ ଓ ଅତିଥିମାନେ ପଦ୍ମଲାଭ, ଉପେନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମା ସଦ୍‌ଗତି କାମନା କରିଥିଲେ।

### ବଡ଼ଚଣା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ,୬।୬(ଡି.ଏନ୍.ଏ.)

ବଡ଼ଚଣା ସାମ୍ବାଦିକ ସଂଘର ସପ୍ତମ ବାର୍ଷିକ ଉତ୍ସବ ବଡଚଣାସ୍ଥିତ ଶିକ୍ଷକ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଉତ୍କଳ ପ୍ରସନ୍ନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ସମ୍ମାନିତ ଅତିଥି ଭାବେ ଉପସଭାପତି ଗଣେଶ୍ୱର ବରାଳ, ଦର୍ପଣ ତହସିଲଦାର ପ୍ରଦୀପ୍ତ କୁମାର ସେଠୀ, ଶିକ୍ଷାବିତ୍ ଡ଼କ୍ଟର ଅଜୟ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ଖବରଦାତାମାନେ ଠିକ୍ ଓ ନିର୍ଭିକ ଖବର ପ୍ରସାରଣ କଲେ ସମାଜର ମଙ୍ଗଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଜାରକାସ୍ଥିତ ଏକ ହସ୍ପିଟାଲ ପକ୍ଷରୁ ଆସିଥିବା ଡ଼ାକ୍ତର ଓ କର୍ମଚାରୀମାନେ ୫୫ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ଜଣ ମୋତିଆବିନ୍ଦୁ ଅପରେଶନ ପାଇଁ ଢେଙ୍କାନାଳ ପଠାଯାଇଥିଲା।

### ନାରାୟଣ ଗୋସ୍ୱାମୀ ଯାତ୍ରା କମିଟିର ପୂର୍ବତନ ସଭାପତିଙ୍କ ପରଲୋକ



ଯାଜପୁର ଅଫିସ,୬।୬

ଯାଜପୁର ଜିଲା ରସୁଲପୁର ବ୍ଲକ ସିଂହାପୁର ଗ୍ରାମର ଗୁରୁକୁଳ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ରାଉତଙ୍କ ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ଶଯ୍ୟାଶାୟୀ ଥିଲେ। ସେ ସିଂହାପୁର ନାରାୟଣ ଗୋସ୍ୱାମୀ ଯାତ୍ରା କମିଟିର ପୂର୍ବତନ ସଭାପତି ଓ ସତ୍ୟସାଇ ସଂଗଠନର ବରିଷ୍ଠ କର୍ମକର୍ତ୍ତା ଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ମଧ୍ୟ ପରିଚିତ। ମୃତ୍ୟୁବେଳକୁ ପୁଅ ସୁବ୍ରତ କୁମାର ରାଉତ, ଜ୍ୱାଇଁ ଦିଗନ୍ତ କୁମାର ରାଉତ, ଝିଅ ରୀନା, ବନି, ଗୀତା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ପୁରସ୍କୃତ




ଯାଜପୁର ଟାଉନ, ୬।୬(ଡି.ଏନ.ଏ.)

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ମଲିକାପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱପୂଜିତା ଦ୍ୱିବେଦୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ କରାଯାଇଛି। ଜାତୀୟ ସବୁଜ ବାହିନୀ (ଇକୋକ୍ଲବ୍) ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ପ୍ରବନ୍ଧ ରଚନା ପ୍ରତିଯୋଗିତା 'ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର' ଶୀର୍ଷକରେ ହୋଇଥିଲା। ଉକ୍ତ ପ୍ରବନ୍ଧ ପ୍ରତିଯୋଗିତାରେ ବିଶ୍ୱପୂଜିତା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ସଭାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ.ମୋନା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର ଓ ରାଜ୍ୟ ପରିବେଶ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ରାଜୀବ କୁମାର ଉପସ୍ଥିତ ଥିଲେ।

## ଶ୍ରମିକ ବଦଳରେ ମେଶିନ କରୁଛି କାମ

ରସୁଲପୁର,୬।୬(ଡି.ଏନ.ଏ.)

- ଏମ୍‌ଜିଏନ୍‌ଆରଇଜିଏସ୍ କାମକୁ ନେଇ ବିବାଦ
- ଜିଲାପାଳଙ୍କ ନିକଟରେ ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ କଲେ ସରପଞ୍ଚ

ରସୁଲପୁର ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନ କାମ କରୁଛି। ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ମେଶିନରେ କରାଯାଉଛି। ଏହି କାମରେ ଜବ୍‌କାର୍ଡଧାରୀମାନଙ୍କୁ ନିୟୋଜିତ କରିବାର ବିଧି ରହିଛି। ହେଲେ ସରପଞ୍ଚ ବବିତା ପଥାଳ ଉକ୍ତ ନିୟମକୁ ଅଣଦେଖା କରୁଛନ୍ତି। କାର୍ଯ୍ୟରେ ଜବ୍‌କାର୍ଡଧାରୀମାନଙ୍କ ବଦଳରେ ମେଶିନ ବ୍ୟବହାର ହେଉଛି ବୋଲି ଦର୍ଶାଇ ଶ୍ରମିକମାନେ ଯାଜପୁର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ରାଜେନ୍ଦ୍ରପୁର ରାଜସ୍ୱ ଗ୍ରାମର ମୁଖ୍ୟ ଜଳାଶୟ ଲକ୍ଷ୍ମୀ ପୋଖରରୀର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପଞ୍ଚାୟତ ନିର୍ବାଚନ ପରେ ନବ ନିର୍ବାଚିତ ସରପଞ୍ଚ ପଥାଳ ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଗତ କିଛିଦିନ ହେବ ଆରମ୍ଭ କରିଛନ୍ତି। ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକରେ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇ ଗାଁର ଗରୀବ ଲୋକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟୁନ ଜଣେ ଜବ୍‌କାର୍ଡଧାରୀ ପରିବାରକୁ ୧୦୦ଦିନ କର୍ମ ନିଯୁକ୍ତି ଦେବାର ବିଧିକୁ ଏଠାରେ ଉଲ୍ଲଂଘନ କରାଯାଉଛି। ଉକ୍ତ ପୁନରୁଦ୍ଧାର କାର୍ଯ୍ୟରେ ଜବ୍‌କାର୍ଡଧାରୀମାନଙ୍କୁ ସାମିଲ କରିବା ପାଇଁ ଦାବି ହୋଇଛି। ଏଥିସହ ପୁଷ୍କରଣୀ ପୁନରୁଦ୍ଧାର କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲାଗାଯାଇ ନାହିଁ। ଏ ନେଇ ସରପଞ୍ଚ ଦଳାଇଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ପୁନରୁଦ୍ଧାର କାର୍ଯ୍ୟ ୧୦ରୁ ୧୨ଦିନ ହେଲା ଆରମ୍ଭ ହୋଇଛି। ହେଲେ ସେହି କାମ ମେଶିନ ଦ୍ୱାରା ନୁହେଁ ବରଂ ଶ୍ରମିକମାନଙ୍କ ସହାୟତାରେ ହେଉଛି। ରସୁଲପୁର ବିଡ଼ିଓ ଏବଂ କନିଷ୍ଠ ଯନ୍ତ୍ରୀ ଆସି କାମ ତଦାରଖ କରିଯାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।


ମେଶିନ ଦ୍ୱାରା ଚାଲିଛି କାମ।

## ସଂକ୍ଷେପରେ

### ଗୁଆଲସିଂରେ ୪୧୯ ଅଭିଯୋଗ



ଡେରାବିଶ, ୬।୬(ସ୍ୱ.ପ୍ର.): ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଶୁଭାରମ୍ଭ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲ୍ଲିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ନମିତା ବାରିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଏବିଡିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ ମଧୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଏହି ଅବସରରେ ପଞ୍ଚାୟତ ପରିସରରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିଲା। ଏଥିରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ୪୧୯ ଜଣ ବ୍ୟକ୍ତି ସେମାନଙ୍କର ନାମ ପଞ୍ଜୀକୃତ କରିଥିଲେ। ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରୁ ବଞ୍ଚିତ ହିତାଧିକାରୀ ବିଡିଓଙ୍କ ନିକଟରେ ସେମାନଙ୍କର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେହିପରି ପାନୀୟଜଳ ସମସ୍ୟା, ରାସ୍ତା ନିର୍ମାଣ, ବିଦ୍ୟୁତ୍, ମତ୍ସ୍ୟଚାଷ, ଉଦ୍ୟାନ କୃଷି, ଜୀବିକା ମିଶନ ଓ ମହିଳା ବିକାଶ ଯୋଜନା ଇତ୍ୟାଦିରୁ ବଞ୍ଚିତ ହୋଇଥିବା ହିତାଧିକାରୀ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗମାନ ଦାଖଲ କରିଥିଲେ। ବ୍ଲକ ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ବିଭାଗ ଅଧିକାରୀ ପ୍ରିୟସୀ ସାମଲ, ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ବ୍ଲକ କୃଷି ଅଧିକାରୀ ବନଲତା ବେହେରା, ବ୍ଲକ ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକଙ୍କ ସମେତ ସମସ୍ତ ଅଧିକାରୀମାନେ ଶିବିରରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜିକ କର୍ମୀ ଦିଲୀପ ଦାସ ପରିଚାଳନା କରିଥିଲେ।

### ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

ମାର୍ଶାଘାଇ ,୬।୬(ଡି.ଏନ.ଏ.): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପିକରାଳି କପିଳମୁନି ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଶିକ୍ଷକ ଓ ବର୍ତ୍ତମାନର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ୨୫ ବର୍ଷ ପରେ ପିଲାମାନେ ଏକତ୍ରିତ ହୋଇ ଭାବ ବିହୋଳ ହେବା ସଙ୍ଗେ ନିଜ ସ୍ମୃତି ବାଣ୍ଟିଥିଲେ। ଏଥିସହ ପିଲାଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଗନ୍ଧର୍ବ ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ସୁରେନ୍ଦ୍ର ନାଥ ରାଉତ, ଗୌରାଙ୍ଗ ରାଉତ, ଶାନ୍ତନୁ ସାହୁ ଓ କାର୍ଯ୍ୟରତ ଶିକ୍ଷକ ପ୍ରସନ୍ନ କୁମାର ପରିଡା ଓ ବିଜୟ ସାହୁ ଉପସ୍ଥିତ ଥିଲେ।

# ଭାରିଯାନ ନେଲା ଛାତ୍ରୀଙ୍କ ଜୀବନ

- ଗଳିକନ୍ଦିରେ ପଶୁଛି ୮ରୁ ୧୬ ଚକିଆ ଗାଡ଼ି
- ଭାଙ୍ଗୁଛି ରାସ୍ତା, ନଷ୍ଟ କରୁଛି ନଦୀବନ୍ଧ
- ବେଆଇନ ଲଘୁ ଖଣିଜ ସମ୍ପଦ ଚୋରିକୁ ବନ୍ଦ କରିବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ,୬।୬

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତର ହାଟବାଣପୁର ଗାଁରେ ସୋମବାର ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ପୂର୍ବାହ୍ନରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ରାସ୍ତାର ହାଟବାଣପୁରଠାରେ ଏକ ବାଲି ବୋଝେଇ ହାଇୱା (ନଂ. ଓଡି ୨୯ ୯୦୮୬) ଧକ୍କାରେ ବସୁପୁର ଗାଁର ସୁବାସ ଲେଙ୍କାଙ୍କ ଝିଅ ଲକ୍ଷ୍ମୀପ୍ରିୟା (୧୫)ଙ୍କର ମୃତ୍ୟୁ ହୋଇଛି। କେବଳ ଲକ୍ଷ୍ମୀପ୍ରିୟା ନୁହନ୍ତି, ଏପରି ଅନେକ ଥର ନଦୀ ବାଲି ପାଇଁ ସ୍ଥାନୀୟ ଲୋକଙ୍କ ଜୀବନ ଯିବା ସହ ସାଧାରଣ ଜୀବନଯାତ୍ରା ଦୁର୍ବିଷହ ହେଉଛି। ୪ରୁ ୧୬ ଚକିଆ ଯାନ ନଦୀରୁ ବାଲି ଉଠାଇ ଏହି ରାସ୍ତାରେ ଯାଉଥିବାରୁ ଗ୍ରାମୀଣ ରାସ୍ତା ବାରମ୍ବାର ନଷ୍ଟ ହେଉଛି। ନଦୀବନ୍ଧ ଦୁର୍ବଳ ହେବାରୁ ବନ୍ୟା ଆଶଙ୍କା ରହୁଛି। ଜିଲାର ନଦୀଶଯ୍ୟାରୁ ବେଆଇନ ଭାବେ ବାଲି, ମାଟି ଆଦି ଲଘୁ ଖଣିଜ ସମ୍ପଦ ଚୋରି ରୋକିବାକୁ ଏବେ ଦାବି ଜୋରରେ ହେଉଛି। ଏ ସମ୍ପର୍କରେ ଲକ୍ଷ୍ମୀପ୍ରିୟାଙ୍କ ବାପା ସୁବାସ କହିଛନ୍ତି, ଝିଅ ସକାଳୁ ନିକଟସ୍ଥ ଝିଙ୍କିଡି ଗ୍ରାମକୁ ଟ୍ୟୁଶନ ହେବାକୁ ଯାଇଥିଲା। ଫେରିବା ସମୟରେ ହାଇୱା ଧକ୍କାରେ ମୃତ୍ୟୁ ହୋଇଛି। ଏ ନେଇ ସଦର ଥାନାକୁ ଜଣାଇ ଦିଆଯାଇଛି। ଗ୍ରାମୀଣ ରାସ୍ତାରେ ହାଇୱା ଚଳାଇବାକୁ କେଉଁ ପ୍ରଶାସନିକ ଅଧିକାରୀ ମଞ୍ଜୁରୀ ଦେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବେଆଇନ ବାଲି ଚାଲାଣ ଲୋକଙ୍କ ଜୀବନ ନେଉଥିବା ବେଳେ ଜିଲା ପ୍ରଶାସନର ଏହି ବାଲି ଚୋରା ଚାଲାଣକାରୀଙ୍କ ପ୍ରତି ଅହେତୁକ ଅନୁକମ୍ପା କାହିଁକି ବୋଲି ସେ କାନ୍ଦି କାନ୍ଦି କହିଛନ୍ତି।

ବସୁପୁର ଗାଁର ଅମୃତରାଜ ବେହେରା, ସାମାଜିକ କର୍ମୀ ପ୍ରଭାକର ସାମଲ, ଶିବାଶିଷ ମହାନ୍ତି ପ୍ରମୁଖ କୁହନ୍ତି, କେନ୍ଦ୍ରାପଡ଼ା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରି ଏବେ ସାଧାରଣ ଘଟଣା ହୋଇଯାଇଛି। ଜିଲାର ପ୍ରତ୍ୟେକ ନଦୀପଠାରୁ ବାଲି, ମାଟି ଉଠାଇ ନିଆଯାଉଛି। ଫଳରେ ନଦୀ ଗତିପଥ ବଦଳୁଛି। ବାଲିଘାଟକୁ ଏସ୍‌ସିଇ, ମିନିଟ୍ରକ୍‌ଠାରୁ ଆରମ୍ଭ କରି ୧୬ ଚକିଆ ଗାଡ଼ି ପଶୁଛି। ଗୋଟିଏ ଘାଟରୁ ଦୈନିକ ୪୦୦ ଟ୍ରିପ୍ ବାଲି ଉଠାଣ ହେଉଥିବା ବେଳେ ଅନ୍ୟୂନ ଗାଡ଼ି ୮୦୦ ଥର ନଦୀବନ୍ଧକୁ ଅତିକ୍ରମ କରୁଛି। ଏତେ ସଂଖ୍ୟକ ଗାଡି ଯା'ଆସ ପରେ ନଦୀବନ୍ଧ ଦୁର୍ବଳ ହେଉଛି। ସାମାନ୍ୟ ବନ୍ୟାରେ ଏହି ନଦୀବନ୍ଧ ଭାଙ୍ଗିବା ସମ୍ଭାବନା ଦେଖାଦେଉଛି। ଜିଲାରେ ମାତ୍ର ୨୮ ବାଲି ସୌରାତକୁ ଜିଲା ପ୍ରଶାସନ ପକ୍ଷରୁ ବାଲି ଉତ୍ତୋଳନ ପାଇଁ ମଞ୍ଜୁରୀ ମିଳୁଛି। ବାସ୍ତବରେ ଶତାଧିକ ସ୍ଥାନରେ ଏହି ବାଲିଘାଟ ଦେଖିବାକୁ ମିଳୁଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ନଦୀଶଯ୍ୟାର ୫୦୦ ମିଟର ପର୍ଯ୍ୟନ୍ତ ସ୍ଥାନରେ ମାଟି, ବାଲି ଉଠା ଯିବାକୁ ନିର୍ଦ୍ଦେଶ ଅଛି। ଏହା ସତ୍ତ୍ୱେ ବେଆଇନ ମାଟି ଓ ବାଲି ଚୋରା ଚାଲାଣକୁ ଜିଲା ପ୍ରଶାସନ ପକ୍ଷରୁ ରୋକାଯାଉନାହିଁ। ଏହି ଗାଡିଗୁଡିକ ନଦୀରୁ ବାଲି ଉଠାଇ ଜଳ ସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଯାତାୟାତ କରୁଛନ୍ତି। ଗ୍ରାମାଞ୍ଚଳରେ ଭାରିଯାନ ଗତାଗତ ପାଇଁ କୌଣସି ସୁବିଧା ନାହିଁ। ସଂକୀର୍ଣ୍ଣ ରାସ୍ତା ଦେଇ ଗାଡି ଚଳାଚଳ ବେଳେ ଦୁର୍ଘଟଣାରେ ମଣିଷ ସହ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ହାଇୱା ଗାଡିରେ ଯେତିକି ପରିମାଣର ଲୋଡ୍ ହୋଇ ସାମଗ୍ରୀ ନିଆଯାଉଛି ତାହାକୁ ଗାଁରେ ଥିବା ରାସ୍ତାଗୁଡିକୁ ସହି ନ ପାରି ନଷ୍ଟ ହୋଇଯାଉଛି। ଏହି ରାସ୍ତା କେବଳ ଛୋଟ ଓ କମ୍ ଲୋଡ୍ ଥିବା ଗାଡ଼ି ଯିବା ଲାଗି ପ୍ରସ୍ତୁତ କରାଯାଇଛି। ଏଥିରେ ଅଧିକ ଲୋଡ୍ ଥିବା ଗାଡ଼ି ଯିବା ଦ୍ୱାରା ତାହା ଫାଟି ନଷ୍ଟ ହେବା ସହ ଖାଲଖମା ସୃଷ୍ଟି ହେଉଛି। ଫଳରେ ଗାଁ ଲୋକଙ୍କ ଯାତାୟାତରେ ବାଧା ଉପୁଜୁଛି। ଏହାର ପ୍ରତିବାଦ କଲେ ବାଲି ନେଉଥିବା ଗାଡ଼ିର ମାଲିକମାନେ ଧମକ ଦେଉଛନ୍ତି। ଏଥିସହ ଗାଡ଼ିରେ ମାଲ ପରିବହନ ସମୟରେ ପାଲ ଢଙ୍କାଯିବା କଥା। ବହୁ ଗାଡିରେ ବାଲି, ମାଟି, ପଥର ବୁହା ହେଉଥିବା ବେଳେ ଏଥିରେ ପାଲ ନ ଥିବାରୁ ବାଲି ଓ ମାଟି ଉଡ଼ି ରାସ୍ତାରେ ପଡ଼ି ଛୋଟମୋଟ ଦୁର୍ଘଟଣା ସବୁବେଳେ ଘଟୁଛି। ଫଳରେ ଗ୍ରାମାଞ୍ଚଳ ଲୋକଙ୍କ ଜନଜୀବନ ଦୁର୍ବିଷହ ହୋଇ ପଡୁଛି। ଏପରି ଗାଡ଼ି ଚଳାଚଳକୁ ପ୍ରଶାସନ ପକ୍ଷରୁ ଅନୁମତି କେମିତି ମିଳୁଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଲଘୁ ଖଣିଜ ସମ୍ପଦ ଚୋରି ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଗାଡିଗୁଡିକ ଧରାଯାଇ ଜରିମାନା ସହ ମାଲିକମାନଙ୍କ ବିରୋଧରେ ମାମଲା ହେଉଛି। ଏହି ଦୁର୍ଘଟଣାକୁ ଜିଲା ପ୍ରଶାସନ ଗୁରୁତ୍ୱର ସହ ନେଇଛି ବୋଲି ସେ କହିଛନ୍ତି।



ଦୁର୍ଘଟଣା ଘଟାଇଥିବା ହାଇୱାକୁ ଲୋକେ ଭାଙ୍ଗି ଦେଇଛନ୍ତି।

## ସମବାୟ ନିର୍ବାଚନ, ୫୪ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ରାଜନଗର, ୬।୬(ଡି.ଏନ.ଏ.)

ସମବାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି। ଜୁନ ୨୬ରେ ହେବାକୁ ଥିବା ରାଜନଗର, ଭାଟପଡା, ଡେରା, କୁରୁଣ୍ଟି, ଡାଙ୍ଗମାଳ, ଗୋପାଳପୁର, ଫିରିକିଦାଣ୍ଡି ପ୍ରଭୃତି ୭ଟି ସେବା ସମବାୟ ସମିତି ପାଇଁ ସୋମବାର ନାମାଙ୍କନ ଦାଖଲ ସରିଛି। ୭ଟି ସେବା ସମବାୟ ସମିତିର ୧୦୫ଟି ନିର୍ଦ୍ଦେଶକ ପଦବୀ ପାଇଁ ୧୬୧ଜଣ ନାମାଙ୍କନ ଦାଖଲ କରିଛନ୍ତି। ଭାଟପଡା ସେବା ସମବାୟ ସମିତିର ୧୫ଟି ଜୋନ ପାଇଁ ୨୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଡେରା ସମବାୟ ସମିତିର ୧୫ଟି ଜୋନ ପାଇଁ ୩୦ଜଣ, ଡାଙ୍ଗମାଳ ସେବା ସମବାୟ ସମିତିରେ ୨୭ଜଣ ନାମାଙ୍କନ ଦାଖଲ କରିଛନ୍ତି। ୧୫ଟି ଜୋନ ମଧ୍ୟରୁ ୫ଟି ଜୋନରେ ତ୍ରିଲୋଚନ ବାରିକ, ନିରଞ୍ଜନ ନାୟକ, ପ୍ରଭାତ କୁମାର ବେହେରା, ନାରାୟଣ ଦାସ, ଉର୍ମିଳା ବାରିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଫିରିକିଦାଣ୍ଡି ସେବା ସମବାୟ ସମିତିରେ ୩୦ଜଣ ନାମାଙ୍କନ ଦାଖଲ କରିଛନ୍ତି। ମମତାମୟୀ ରାଉତ, ମଧୁମିତା ବିଶ୍ୱାଳ, ଅରୁଣ କୁମାର ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୁରୁଣ୍ଟି ସେବା ସମବାୟ ସମିତିରେ ୬ ନଂ. ଜୋନ ପାଇଁ ୨ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ଅନ୍ୟ ୧୪ଟି ଜୋନ ପାଇଁ ଜଣେ ଲେଖାଏ ନାମାଙ୍କନ ଦାଖଲ କରିଛନ୍ତି। ଅମର କୁମାର ସ୍ୱାଇଁ, ଶ୍ରୀଚରଣ ବିଶ୍ୱାଳ, ଶ୍ରୀକାନ୍ତ କୁମାର ପ୍ରଧାନ, ସଂଯୁକ୍ତା ମଙ୍ଗରାଜ, ବୀରକିଶୋର ଚରାଇ, ଶିବ ନାରାୟଣ ରାଉତ, ଅଲେଖ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ, ବିଦ୍ୟାଧର ମଲ୍ଲିକ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯାମିନୀକାନ୍ତ ବେହେରା, କୁଞ୍ଜଲତା ବରାଳ, ଚିତ ରଞ୍ଜନ ପରିଡା ପ୍ରମୁଖ ୧୪ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୋପାଳପୁର ସେବା ସମବାୟ ସମିତିର ସମସ୍ତ ଜାମିନୀକାନ୍ତ ବିଶ୍ୱାଳ, ଗୟାଧର ଦାସ, ମଧୁସୂଦନ ମୁଦୁଲି, ସୁଧାରାଣୀ ମଣ୍ଡଳ, ବାସୁଦେବ ସାମଲ, ସୁବାଷ ଚନ୍ଦ୍ର ପରିଡା, ଅଲେଖ ନାୟକ, ରମେଶ ମିସ୍ତ୍ରୀ, କୁସୁମ ଲତା ରାଉତ, ଚରଣ ଦାସ, ବୃନ୍ଦାବନ ମଳିକ, ସୁଦର୍ଶନ ରାଉତ, ରଣଜିତ ମଣ୍ଡଳ, ମାନସ ରଞ୍ଜନ ରାଉତ, ବସନ୍ତ କୁମାର ହାତି ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜନଗର ସେବା ସମବାୟ ସମିତିରେ ୧ନଂ. ଜୋନ ପାଇଁ କୁଳମଣି ସେଠୀ ଓ ମହେଶ୍ୱର ସେଠୀ ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟ ସମସ୍ତ ୧୪ଟି ଜୋନରେ ନିର୍ଦ୍ଦେଶକ ପଦରେ ରଞ୍ଜନ କୁମାର ପ୍ରଧାନ, ଦାମୋଦର ପରିଡା, ବାବାଜୀ ମିଶ୍ର, ଖଗେଶ୍ୱର ସେଠୀ, ରବି ନାରାୟଣ ଲେଙ୍କା, ଗଣେଶ ଚନ୍ଦ୍ର ସାହୁ, ମାଳତି ସ୍ୱାଇଁ, ରାଜେନ୍ଦ୍ର ପଢିହାରୀ, ଅକ୍ଷୟ କୁମାର ନାୟକ, ନାରାୟଣ ଦାସ, ଚିତ୍ତ ରଞ୍ଜନ ଦାସ, ଦଧିବାମନ ଭୂୟାଁ, ବିଜୟ କୁମାର ଗୁପ୍ତା, ସୁଭଦ୍ରା ବିଶ୍ୱାଳ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜନଗର ସେବା ସମବାୟ ସମିତିରେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମହେଶ୍ୱର ନାୟକ, ମାନ ଗୋବିନ୍ଦ ପଲ୍ଲାଇ, ଧ୍ରୁବ ମଳିକ ପ୍ରମୁଖ ନାମାଙ୍କନ ପାଇଁ ରସିଦ କାଟି ଫର୍ମ ଆଣିଥିଲେ ମଧ ନାମାଙ୍କନ ଦାଖଲ କରିନାହାନ୍ତି।



ନିର୍ବାଚନ ଅଧିକାରୀଙ୍କ ପାଖରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ଡାଙ୍ଗମାଳ ପଞ୍ଚାୟତରେ ୩୧୦ ଅଭିଯୋଗ

ରାଜନଗର, ୬।୬(ଡି.ଏନ.ଏ.)

ରାଜନଗର ବ୍ଲକର ଡାଙ୍ଗମାଳ ପଞ୍ଚାୟତଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହ ସମାଧାନର ବାଟ କାଢିଥିଲେ। ଶିବିରରେ ୩୧୦ ଅଭିଯୋଗ ହୋଇଥିବା ବେଳେ ଅଧିକାଂଶ ବିଦ୍ୟୁତ୍ ବିଭାଗ ବିରୋଧରେ ଆସିଥିଲା। ବିଦ୍ୟୁତ୍ ବିଲ ଅଧିକ ଆସୁଥିବା ନେଇ ଦାମୋଦର ଦାସ, ଦୋଳ ଗୋବିନ୍ଦ ଦାସ ଓ ଡାଙ୍ଗମାଳ ପଞ୍ଚାୟତର ସମିତିସଭ୍ୟ ଶ୍ରୀଚରଣ ଦାସ ଲିଖିତ ଅଭିଯୋଗ କରିଥିଲେ। ଦୁଇଟି ବଲବ ଓ ଫ୍ୟାନରେ ମାସକୁ ବିଲ ୧୫୦୦ ଟଙ୍କା ଆସୁଥିବା ନେଇ ହିତାଧିକାରୀ ଅଭିଯୋଗ କରିଥିଲେ। ଏଥିସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଲୋକଙ୍କ ଅଭିଯୋଗ ଆସିଥିଲା। ପଞ୍ଚାୟତର ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟ ଖୁକୁମିନା କୁଅଁର, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ରେଞ୍ଜ ଅଫିସର ମାନସ କୁମାର ଦାସ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ମେଡିକାଲ ଅଫିସର ଡା. ପ୍ରଣବ କୁମାର ଶୁକ୍ଳା, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅମୀୟ ରଞ୍ଜନ ସିହ୍ନା, ସହକାରୀ ଯନ୍ତ୍ରୀ ଜଳଧର ବେହେରା, ସିଡିପିଓ, ପଞ୍ଚାୟତର ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ରମେଶ ଚନ୍ଦ୍ର ବେହେରା, ରତିକାନ୍ତ ସେଠୀ, ପୂର୍ବତନ ଉପାଧକ୍ଷ ସୁଦର୍ଶନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବିରୋଧୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ଦାଖଲ କରାଇ ଦେଲାନି ବିଜେଡି ଅଭିଯୋଗ



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଅନ୍ୟମାନେ।

ଆଳି,୬।୬(ଡି.ଏନ.ଏ.)

### ସମବାୟ ନିର୍ବାଚନ: ଥାନାରେ ଏତଲା କଲା କଂଗ୍ରେସ

ଆଳି ବ୍ଲକ କଣ୍ଟିପୁର ସମବାୟ ସମିତିରେ ସୋମବାର ପ୍ରାର୍ଥୀପତ୍ର ଦାଖଲ ସମୟରେ ବିରୋଧୀ ଦଳର ପ୍ରାର୍ଥୀମାନଙ୍କୁ ଶାସକ ଦଳର କେତେଜଣ କର୍ମୀ ଦାଖଲ କରାଇ ଦେଇ ନ ଥିବା ସହ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନିଆଳହାଟସ୍ଥିତ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ, ସୋମବାର କଣ୍ଟିପୁର ସମବାୟ ସମିତିର ନିର୍ଦ୍ଦେଶକ ପଦବୀ ନିମନ୍ତେ ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ଜଗତ ଭୂଷଣ ରଥ ମନୋନୟନ ପତ୍ର ଆଣିବାକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତିଙ୍କ ଉପସ୍ଥିତରେ ନିଆଳ ସମିତିସଭ୍ୟ ସନ୍ତୋଷ ପଢିହାରୀ ଆକ୍ରମଣ କରିଥିଲେ। ସେ ସେଠାରୁ ପଳାଇ ଆସି ଅନ୍ୟମାନଙ୍କୁ ନ ଯିବା ପାଇଁ କହିଥିଲେ। ପରେ ପୂର୍ବତନ ବିଧାୟକ ଶର୍ମା ନିଜେ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ବୁଝାସୁଝା କରି ଫେରିବା ପରେ ଅପରାହ୍ନ ୨ ଟାରେ ଦର୍ପନାରାୟଣ ସାହୁ ନାମାଙ୍କନ ଦାଖଲ କରିବାକୁ ଯାଇଥିବା ବେଳେ ଭୀଷ୍ମ ମହାନ୍ତି, ମନୋରଞ୍ଜନ ସାମଲ, ପ୍ରଭାତ ରାଉତଙ୍କ ସମେତ ୧୦ରୁ୧୫ ଜଣ ଦର୍ପଙ୍କ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରୁଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଆଇଆଇସି ଦିଲୀପ ସାହୁ ଦର୍ପଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଉପସ୍ଥିତିରେ ଶାସକ ଦଳର କର୍ମୀଙ୍କ ଆକ୍ରମଣ ଫଳରେ ବିରୋଧୀ ଦଳ ପକ୍ଷରୁ କେହି ନାମାଙ୍କନ ପତ୍ର ଦାଖଲ କରି ପାରି ନ ଥିଲେ। ଏହି ଘଟଣାକୁ ନେଇ ସେ ଆଳି ଥାନାରେ ପହଞ୍ଚି ଅଭିଯୋଗ କରିବା ସହ ଆଇଆଇସି ସାହୁ ଓ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରାଙ୍କୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଏଥିସହ ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ଦାଖଲ ପାଇଁ ଅନ୍ୟ ଏକ ଦିନ ଧାର୍ଯ୍ୟ କାରାଯିବା ସହ ପ୍ରାର୍ଥୀପତ୍ରକୁ ଖାରଜ କରାଯାଇ ସାନି ଦାଖଲ କରିବା ନିମନ୍ତେ ପୂର୍ବତନ ବିଧାୟକ ଶର୍ମା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଏସ୍‌ଡିପିଓ ବେଉରାଙ୍କୁ ପଚାରିବାରେ ଅଭିଯୋଗ ମିଳିଛି। ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଏହି ଅଭିଯୋଗ ଭିତ୍ତିହୀନ ବୋଲି ମନୋରଞ୍ଜନ ସାମଲ ଓ ଭୀଷ୍ମ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ୯୫ ସ୍କୁଲ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରଣ

କେନ୍ଦ୍ରାପଡ଼ା ଅଫିସ, ୬।୬

କେନ୍ଦ୍ରାପଡ଼ା ଜିଲାର ୩୪୩ଟି ହାଇସ୍କୁଲ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟରେ ୯୫ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମିଟିଂରେ ସୋମବାର ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ସହରର ଇଚ୍ଛାପୁର ହାଇସ୍କୁଲଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅମୃତ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଆଳି ବିଧାୟକ ତଥା ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଅନନ୍ୟା ଅନୁପ୍ରୀତି ସାହୁ ରୂପାନ୍ତରଣ ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏଠାରେ ବିଧାୟକ ସାହୁ ହାଇସ୍କୁଲର ୫ଟି ରୂପାନ୍ତରଣ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ବିଜ୍ଞାନ ବିଭାଗ, ଇ-ଲାଇବ୍ରେରୀ, ଇ-ଲାବରେଟୋରି ଶିକ୍ଷା କ୍ଷେତ୍ରରେ ବିପ୍ଲବ ଆଣିବା ସହ ଖେଳ ଓ ସାଂସ୍କୃତିକ ସାମାଜିକ ଜ୍ଞାନ ଅଧିକ ପ୍ରତିଭା ସୃଷ୍ଟି କରିବ ବୋଲି ମତ ଦେଇଥିଲେ। ସେହିପରି ସ୍କୁଲ ପରିବେଶ ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରୁଛି ବୋଲି ଏଠାରେ ସେ ପ୍ରକାଶ କରିଥିଲେ। ଜିଲାର ଆଳି ବ୍ଲକ ଅଞ୍ଚଳର ୧୦ଟି, କେନ୍ଦ୍ରାପଡ଼ାରେ ୧୩ଟି, ଡେରାବିଶରେ ୯ଟି, ମହାକାଳପଡ଼ାରେ ୯ଟି, ରାଜନଗର ୯ଟି, ଗରଦପୁରର ୭ଟି, ମାର୍ଶାଘାଇର ୧୨ଟି, ପଟ୍ଟାମୁଣ୍ଡାଇର ୧୪ଟି ଓ ରାଜକନିକା ବ୍ଲକ ଅଞ୍ଚଳର ୧୨ଟି ହାଇସ୍କୁଲକୁ ୫-ଟି ରୂପାନ୍ତରଣ କରାଯାଇଛି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଜିଲାର ୩୦ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ୨୦୨୧ ନଭେମ୍ବର ୧୯ ରେ ହୋଇଯାଇଛି।




ବିଦ୍ୟାଳୟ ରୂପାନ୍ତରଣରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ୩ ବିଧାୟକ ଓ ଅନ୍ୟମାନେ।

# ବଉଳା କୁମ୍ଭୀର ବସା ଠାବ

- ୬୦ରୁ ୮୦ ପର୍ଯ୍ୟନ୍ତ ମା' କୁମ୍ଭୀର ଦେଇଥାଏ ଅଣ୍ଡା
- ୪୫ ରୁ ୬୦ ଦିନରେ ଶାବକ ନେଇଥାଏ ଜନ୍ମ

ମହାକାଳପଡ଼ା, ୬।୬ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ନଦୀନାଳରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏମାନେ ସାଧାରଣତଃ ମେ, ଜୁନ୍ ମାସରେ ଅଣ୍ଡାଦାନ କରିଥାନ୍ତି। ଅଣ୍ଡାଦାନର ୪୫ ରୁ ୬୦ ଦିନରେ ଶାବକ ଜନ୍ମ ନେଇଥାଏ। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଉଦ୍ୟମ ଆବଶ୍ୟକ। ଏଥିପ୍ରତି ସ୍ଥାନୀୟ ଜନସାଧାରଣ ଓ ବନ ବିଭାଗ ପକ୍ଷରୁ ସଚେତନ କରାଯିବାକୁ ଦାବି ହେଉଛି।

ସାଧାରଣତଃ କୁମ୍ଭୀର ଅଣ୍ଡାଦାନ କରୁଥିବା ସ୍ଥାନ ଖୁବ୍ ସୁରକ୍ଷିତ ହୋଇଥାଏ। ଏହି ସ୍ଥାନଗୁଡ଼ିକ ନାଳ, ଯୋରର ସନ୍ତସନ୍ତିଆ, ଘଞ୍ଚ ବୁଦା ମୂଳ, ଉପର ଗଡାଣିଆରୁ ଜଳ ନିଷ୍କାସିତ ହେଉଥିବା ସ୍ଥାନରେ ଏମାନେ ବସା ବାନ୍ଧିଥାନ୍ତି। ବସାରେ ବ୍ୟବହୃତ କାଠି, କୁଟା, ଖରି ଡାଳପତ୍ର ଓ ପିଞ୍ଚା ପତ୍ର ଆଦି କୁମ୍ଭୀର ପ୍ରସ୍ତୁତି କରି ଉଚ୍ଚ (ମାଉଣ୍ଟ ) ସ୍ଥାନରେ ବସା ବାନ୍ଧେ। ବସା ବାନ୍ଧି ବା ପରେ ସମୟ ଦେଖି ଉକ୍ତ ସ୍ଥାନରେ ସୁରକ୍ଷିତ ଭାବେ ୬୦ ରୁ ୮୦ ପର୍ଯ୍ୟନ୍ତ ଅଣ୍ଡାଦାନ କରିଥାନ୍ତି। ଶତ୍ରୁ କବଳରୁ (କାଉ, କୁକୁର, ଶିଆଳ) ରକ୍ଷା ପାଇଁ ମା' କୁମ୍ଭୀରଟି ଅଣ୍ଡାଗୁଡ଼ିକୁ ଉଷୁମ ଦେଉଥିବାବେଳେ ପୁରୁଷ କୁମ୍ଭୀର ବାହ୍ୟ ଆକ୍ରମଣରୁ ବସାଠାରୁ ୨୦ ଫୁଟ୍ ଦୂରତାରେ ତୀକ୍ଷ୍ଣ ନଜର ରଖିଥାଏ। ଯଦି କୌଣସି ଶତ୍ରୁ ବସାରୁ ଅଣ୍ଡା ନଷ୍ଟ କରିବାକୁ ଉଦ୍ୟମ କରେ ହିଂସ୍ର ହୋଇ ପୁରୁଷ କୁମ୍ଭୀରଟି ସ୍ଥଳ ଭାଗକୁ ଉଠିଆସି ଆକ୍ରମଣ କରିବାକୁ ପଛାଇ ନ ଥାଏ। ମା' କୁମ୍ଭୀର ଅଣ୍ଡାକୁ ଉଷୁମ ଦେଉଥିବା ବେଳେ ପୁରୁଷ କୁମ୍ଭୀରଟି ଖାଦ୍ୟ (କଙ୍କଡ଼ା, ମାଛ, ପାଟିଲା ପିଞ୍ଚାକୋଳି) ସଂଗ୍ରହ କରି ମା' କୁମ୍ଭୀରକୁ ଆଣି ଦେଇଥାଏ। ଏହିପରି ୪୫ରୁ ୬୦ଦିନ ମଧ୍ୟରେ ଅଣ୍ଡାରୁ ଶାବକ ଜନ୍ମ ହୋଇଥାଏ। ପରେ ଜନ୍ମ ହୋଇଥିବା ଶାବକଗୁଡ଼ିକୁ ମା' କୁମ୍ଭୀର ସାଙ୍ଗରେ ଧରି ନଦୀ ଓ ସମୁଦ୍ର ମଧ୍ୟକୁ ଯାଇଥାନ୍ତି। ନଦୀ ସମୁଦ୍ର ପ୍ରଖର ସ୍ରୋତରେ ମା' କୁମ୍ଭୀର ସହ ଯେଉଁ ଶାବକ ଢେଉ ପାରି ହୋଇ ଆଗକୁ ପହଁରିଲେ ସେମାନେ ବଞ୍ଚିଥାନ୍ତି। ଯେଉଁ ଶାବକ ନଦୀର ପ୍ରଖର ଢେଉ ପାରିହୋଇ ନ ପାରେ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଓ ମହାକାଳପଡ଼ା ବନାଞ୍ଚଳଗୁଡିକର ଗୋବରୀ, ମହାନଦୀ ତ୍ରିକୋଣ ଭୂମି ଅବବାହିକା, ଭିତର ଖରିନାସୀ, କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ ସମେତ ଗୋବରୀ ନଦୀ କୂଳ, ରାମଚଣ୍ଡୀ-ପେଟଛେଲା ଗଳିଆ ନଦୀକୂଳ ହେନ୍ତାଳ ଜଙ୍ଗଲରେ ବସା ବାନ୍ଧିବାକୁ ସୁରକ୍ଷିତ ମଣିଥାନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ଶାହାଜୀ ଚରଣ ବିଶ୍ୱାଳଙ୍କୁ ପଚାରିବାରେ ଏ ପର୍ଯ୍ୟନ୍ତ କୁମ୍ଭୀର ବସା ଆମ ନଜରକୁ ଆସିନାହିଁ ଓ ବନ କର୍ମଚାରୀଙ୍କୁ କୁମ୍ଭୀର ବସା ବାନ୍ଧିବା ସ୍ଥାନ ନିରୂପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଉକ୍ତ ଜଙ୍ଗଲ ଅଞ୍ଚଳରେ କୁମ୍ଭୀର ବସା ବାନ୍ଧିବା ପରେ ମଧ ବିଭାଗ କିପରି ଜାଣିପାରୁନାହିଁ ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ତେବେ ବଉଳା କୁମ୍ଭୀର ଅଣ୍ଡାଦାନସ୍ଥଳଗୁଡ଼ିକ ଚିହ୍ନଟ କରି ଶାବକ ଜନ୍ମ ହେବା ପର୍ଯ୍ୟନ୍ତ ସୁରକ୍ଷା ପାଇଁ ବିଭାଗ ଯତ୍ନବାନ ହେବା ଆବଶ୍ୟକ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି।



ମହାକାଳପଡ଼ା ରେଞ୍ଜ ଅଧୀନ ଲୁଣା ହେନ୍ତାଳ ଜଙ୍ଗଲରେ କୁମ୍ଭୀରବସା ଠାବ।

## ସଂକ୍ଷେପରେ

### ଶିକ୍ଷାନୁଷ୍ଠାନରେ ଜାତିଭିତ୍ତିକ ପଟ୍ଟା ସଂଶୋଧନ ଦାବି

**ଖଣ୍ଡପଡ଼ା, ୬।୬ (ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ରାଜସ୍ୱ ବିଭାଗ ଜରିଆରେ ଖତିୟାନ ପ୍ରସ୍ତୁତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଜମି ପଟ୍ଟାରେ ତ୍ରୁଟି ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି। ଉଦାହରଣ ସ୍ୱରୂପ ଖଣ୍ଡପଡ଼ା ଥାନା ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ଖତିୟାନ ପ୍ଲଟ ନଂ. ୧୪୦୮/୧ ଥିଲାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ଭୁବନେଶ୍ୱର ମାର୍ଫତ ନୀଳମାଧବ ନୋଡାଲ ବିଦ୍ୟାପୀଠ, କଣ୍ଟିଲୋ ଜାତି କନ୍ଧ ଖ୍ରୀଷ୍ଟିଆନ ବୋଲି ଉଲ୍ଲେଖ ରହିଛି। ଏ ସମ୍ବନ୍ଧରେ ତ୍ରୁଟି ସଂଶୋଧନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ପ୍ରକାଶ। ଜାତିଭିତ୍ତିକ ଏହି ଗୁରୁତର ତ୍ରୁଟିକୁ ତୁରନ୍ତ ସଂଶୋଧନ କରିବାକୁ ସାଧାରଣରେ ଦାବି ହେଉଛି।

### ୩ ସବ୍ ଇନ୍ସପେକ୍ଟରଙ୍କ ପଦୋନ୍ନତି

**ନୟାଗଡ଼ ଅଫିସ,୬।୬:** ନୟାଗଡ଼ ଜିଲାର ୩ ଜଣ ସବ୍ ଇନ୍ସପେକ୍ଟରଙ୍କ ପଦୋନ୍ନତି ହୋଇଛି। ରାଜ୍ୟରେ ୧୧୩ ଜଣ ପଦୋନ୍ନତି ହୋଇଛନ୍ତି। ଇଟାମାଟି ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ରମେଶ କୁମାର ଦେବତା, ନୟାଗଡ଼ ଟାଉନ ଥାନାରେ କାର୍ଯ୍ୟରତ ସଞ୍ଜୟ କୁମାର ମଲ୍ଲିକ ଓ ଦଶପଲ୍ଲାରେ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଜୟ ପ୍ରକାଶ ପରିଡା ଏହି ପଦୋନ୍ନତି ପାଇଛନ୍ତି। ରମେଶ ଓ ସଞ୍ଜୟ ନୟାଗଡ଼ ଜିଲାରେ ଓ ଜୟପ୍ରକାଶଙ୍କୁ ଖୋର୍ଦ୍ଧା ଜିଲାରେ ଅବସ୍ଥାପିତ କରାଯାଇଛି।

### ପାଇପ୍ ଫାଟି ରାସ୍ତାରେ ଭାସିଲା ପାଣି

**ବ୍ରହ୍ମପୁର ଅଫିସ,୬।୬:** ବ୍ରହ୍ମପୁର ବିଜିପୁର ବଜାରଠାରୁ ଷ୍ଟେଶନ ଯିବା ମୁଖ୍ୟ ରାସ୍ତାରେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ପାଇପ ଫାଟି ରାସ୍ତାରେ ପାଣି ସୁଅ ଛୁଟିଥିଲା। ଏକାସାଙ୍ଗେ ୩ ରୁ ୪ ସ୍ଥାନରେ ପାଇପ ଫାଟି ଯିବାରୁ ପ୍ରାୟ ଅଧଘଣ୍ଟା ଧରି ବିଜିପୁର ବଜାର କାନାରା ବ୍ୟାଙ୍କଠାରୁ ନେହେରୁ ପାର୍କ ପର୍ଯ୍ୟନ୍ତ ଏବଂ ଅନ୍ୟପଟେ ସନ୍ତୋଷୀ ମା' ମନ୍ଦିର ପର୍ଯ୍ୟନ୍ତ ପାଣି ସୁଅ ଛୁଟିଥିଲା। ଫଳରେ ଖୋଲାରେ ପରିବା ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଭାସି ଯାଇଥିଲା। ସ୍ଥାନୀୟ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜଳ ଯୋଗାଣ ବନ୍ଦ କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କଠାରୁ ପ୍ରକାଶ ଯେ, ସୋମବାର ଜାନିବିଲି ପ୍ରକଳ୍ପ ଯୋଜନା କାର୍ଯ୍ୟ ହାତକୁ ନେଇଥିବା ଘରୋଇ କମ୍ପାନୀ ହିଲପାଟଣାରେ ଥିବା ଜଳଯୋଗାଣ କେନ୍ଦ୍ରରୁ ଜାନିବିଲିକୁ ପାଇପରେ ଜଳ ଯୋଗାଣ ନିମନ୍ତ ପ୍ରଥମ ପରୀକ୍ଷା କରାଯାଉଥିବା ସମୟରେ ଏହି ଘଟଣା ଘଟିଥିଲା।

# ସୁନାଦୋକାନୀଙ୍କ ପ୍ରତି ଅନୁକମ୍ପା

**ନୟାଗଡ଼ ଅଫିସ,୬।୬**

- ଚୋରି ସୁନା କିଣି ପାଉଛନ୍ତି କ୍ଲିନ୍‌ଚିଟ୍
- ଗିରଫ ନ କରି ଅଟକ ରଖି ଛାଡ଼ିଦେଉଛି ପୋଲିସ

ସୁନା ଦୋକାନୀଙ୍କ ପ୍ରତି ପୋଲିସର ଅନୁକମ୍ପା ବଢ଼ି ଚାଲିଛି। ଚୋରି ସୁନା ରଖି ବି ସୁନା ଦୋକାନର ମାଲିକଙ୍କୁ ପୋଲିସ କ୍ଲିନ୍‌ଚିଟ୍ ଦେଇ ଛାଡି ଦେବା ପରେ ସନ୍ଦେହ ଘନୀଭୂତ ହେଉଛି। ଏକାଧିକ ମାମଲାରେ ସୁନା ମାଲିକଙ୍କୁ ଛାଡି ଦେବା ପରେ ପୋଲିସର କାର୍ଯ୍ୟ ସନ୍ଦେହ ଘେରକୁ ଆସଯାଇଛି। ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପରାଧୀଙ୍କୁ ଥାନାରେ ଅଟକ ରଖିପାରିବନି ବୋଲି ନିୟମ ରହିଛି। ହେଲେ ଅନେକ ସୁନା ଦୋକାନୀ ଅଟକ ପରେ ଛାଡି ଦିଆ ଯାଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର।

ଏପ୍ରିଲ ୨୪ ରାତିରେ ବିଜିପୁର ଗାଁରୁ ୩ ଜଣ ଲୋକଙ୍କ ଘରୁ ଡକାୟତି ହୋଇଥିଲା। ୬ ଡକାୟତ ବିଜିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ରାଉତରାୟଙ୍କ ବିଜିପୁର ଘରୁ ୨୨ଗ୍ରାମ ଓଜନର ରାଣୀ ସୁନାହାର, ୧୬ ଗ୍ରାମ ଓଜନର ୮ଟି ସୁନା ମୁଦି, ୧୦ ଗ୍ରାମ ଓଜନର ୪ଟି ସୁନା ଚୁଡି ଓ ରୁପା ଅଳଙ୍କାର ଓ ୬୬ ହଜାର ଟଙ୍କା ନେଇ ଯାଇଥିଲେ। କୈଳାସଙ୍କ ବଡପୁଅ ଶଶିଭୂଷଣଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ସେହି ରାତିରେ ଅନ୍ୟ ୨ଟି ଘରୁ ଡକାୟତି ହୋଇଥିଲା। ଡକାୟତି ଘଟଣାରେ ପୋଲିସ ୬ଜଣ ଆନ୍ତଃ ରାଜ୍ୟ ଡକାୟତଙ୍କୁ ଗିରଫ କରି ମେ ୨୮ରେ ଜେଲ ପଠାଇଥିଲା। ପୁଣି ଖୋର୍ଦ୍ଧା ଜିଲା ଜଟଣୀ ଥାନା ରାଜା ବଜାରର ମା' ମନିଷା ଜୁଏଲାରିରୁ ଚୋରି ଅଳଙ୍କାର ମଧ୍ୟରୁ ୧୨ ଗ୍ରାମ ସୁନା, ୫୦୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଥିଲା। ଏପରି କି ଫତେଗଡ ଥାନା ପୋଲିସ ଜଟଣୀ ଥାନା ପୋଲିସ ସହାୟତାରେ ମେ ୨୬ ତାରିଖରେ ଚଢ଼ାଉ କରି ସୁନା ଦୋକାନ ସିଲ୍ କରି ମାଲିକଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲା। ସବୁ ପରେ ସୁନା ଦୋକାନୀକୁ କ୍ଲିନ୍‌ଚିଟ୍ ଦେଇ ଖସାଇବା ଘଟଣା ପୋଲିସର ଡକାୟତି ଧରପଗଡରେ ସ୍ୱଚ୍ଛତାକୁ ପଦାରେ ପକାଇଥିଲା। ଜଣେ ଦୁର୍ବୃତ୍ତଙ୍କ ସୂଚନା ଅନୁସାରେ, ଜଟଣୀ ସୁନା ଦୋକାନୀଙ୍କୁ ଖସାଇବା ପାଇଁ ପ୍ରବଳ ଚାପ ପଡିଥିଲା। ଡକାୟତମାନେ ବିଭିନ୍ନ ସମୟରେ ଚୋରି ଉପକରଣ ଆଣି ଏଠାରେ ବିକ୍ରୟ କରୁଥିଲେ। ହେଲେ ଡକାୟତଙ୍କଠାରୁ ସୁନା ବନ୍ଧକ ରଖିଥିବା ଦର୍ଶାଇ ଚତୁରତାର ସହ ଖସାଇ ଦିଆଗଲା। ଏଣୁ ସୁନା ଦୋକାନୀଙ୍କର ଚୋରା ଉପକରଣ ରଖିବାର ନିଶା ବଢ଼ି ଚାଲିଛି। ପୋଲିସ ମଧ୍ୟ ଭଲ ରୋଜଗାର କରୁଥିବାରୁ ସୁନାଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହିଁ ବୋଲି ସେ କହିଥିଲେ। ଏ ନେଇ ଫତେଗଡ ଥାନା ଆଇଆଇସି ଗିରିଜା ପଟ୍ଟନାୟକଙ୍କୁ ପଚାରିବାରେ ସୁନା ଦୋକାନୀ ସୁନା ଓ ରୁପା ଅଳଙ୍କାର ବନ୍ଧକ ରଖିଥିଲେ। ସେ ଚୋରା ଜିନିଷ ବୋଲି ଜାଣି ନ ଥିଲେ। ଦୋକାନୀ ବିରୋଧରେ କିଛି ପ୍ରମାଣ ନ ମିଳିବାରୁ ଛାଡି ଦିଆଯାଇଥିଲା। ପୋଲିସ ଯାହା ସଫେଇ ଦେଲେ ବି ସୁନା ବ୍ୟବସାୟୀ ଖସିଯିବା ପରେ ସନ୍ଦେହ ବଢ଼ିଛି। ସେହିପରି ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ଏପ୍ରିଲ ଓ ମେ ମାସରେ ୧୦ରୁ ଊର୍ଦ୍ଧ୍ୱ ଚୋରି ହୋଇଥିବାବେଳେ ୨ କୋଟିରୁ ଅଧିକ ଟଙ୍କାର ଡକାୟତି ହୋଇଥିଲା। ତେବେ ପୋଲିସ ୧୦ରୁ ମାତ୍ର ୪ଟି ଡକାୟତି ଘଟଣାରେ ଦୁଇ ଆନ୍ତଃ ରାଜ୍ୟ ଦୁର୍ବୃତ୍ତ ଭାଇଙ୍କୁ ଗିରଫ କରି ଜୁନ ୪ରେ ଜେଲ ପଠାଇଥିଲା। ଡକାୟତ ଘଟଣାରେ ଯେଉଁ ସୁନା ଓ ରୁପା ଅଳଙ୍କାର ଜବତ ହୋଇଥିଲା ତାହା ଚୋରି ଉପକରଣ ନୁହେଁ ବୋଲି କୁହାଯାଉଛି। ଡକାୟତମାନେ କିଛି ସୁନା ଦୋକାନୀ ସହାୟତାରେ ସୁନା ଓ ରୁପାକୁ ତରଳାଇ ନୂଆ ଉପକରଣ ତିଆରି କରିଥିଲେ। ତେବେ ବଜାରକୁ ଛାଡିବା ପୂର୍ବରୁ ତାହାକୁ ପୋଲିସ ସୁନା ଦୋକାନୀଙ୍କଠାରୁ ଜବତ କରିଥିଲା। କିନ୍ତୁ ଚୋରି ଉପକରଣ ଜବତ କଲା ପରେ ବି ସୁନା ଦୋକାନ ମାଲିକଙ୍କୁ ଜେଲକୁ ନ ପଠାଇବା ଉପରେ ସନ୍ଦେହ ଉଠିଛି। ଏହି ଘଟଣାରେ କେତେଜଣ ସୁନା ଦୋକାନୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିଥିଲା। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ସୁନା ଦୋକାନର ମାଲିକଙ୍କୁ କ୍ଲିନ୍‌ଚିଟ୍ ଦେଇ ଖସାଇ ଦିଆଗଲା। ତେବେ ସୁନା ଓ ରୁପା ଅଳଙ୍କାର କେଉଁଠୁ ପୋଲିସ ଜବତ କରିଥିଲା ସେ ନେଇ ମୁହଁ ଖୋଲି ନ ଥିଲା। ପ୍ରଶ୍ନ ଉଠୁଛି ସୁନା ଦୋକାନୀକୁ ଖସାଇବାକୁ ପୋଲିସ କାହିଁକି ଏତେ ପ୍ରୀତି ଦେଖାଉଛି। ଏ ନେଇ ନୟାଗଡ ଅତିରିକ୍ତ ଏସ୍‌ପି ବିଦ୍ୟୁତ୍ ପଣ୍ଡାଙ୍କୁ ପଚାରିବାରେ କୌଣସି ସୁନା ଦୋକାନର ମାଲିକଙ୍କୁ ଛାଡିବାର ପ୍ରଶ୍ନ ଉଠୁନାହିଁ। ତଦନ୍ତରେ ଯେଉଁମାନେ ଆସିବେ ସେମାନେ ଫସିବେ। ପୋଲିସର ତଦନ୍ତ ଶେଷ ହୋଇନି। ଗଣମାଧ୍ୟମର ସହଯୋଗ ମିଳିଲେ ଯେଉଁମାନେ ଦୋଷୀ ସେମାନଙ୍କୁ ଉପଯୁକ୍ତ ଦଣ୍ଡ ମିଳିବ ବୋଲି ସେ କହିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଜବତ, ଗୋରୁ ଉଦ୍ଧାର, ୨ ଗିରଫ



ଜବତ ଗୋରୁ ଗାଡି ସହ ଚାଳକ, ଗୋଚାଲାଣକାରୀ।

**ଖଣ୍ଡପଡ଼ା,୬।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଅଞ୍ଚଳରୁ କଟକ ଜିଲା ଅଧୀନ ନରସିଂହପୁର ଅଞ୍ଚଳକୁ ଏକ ପିକ୍‌ଅପ ଭ୍ୟାନ ଯୋଗେ ଚୋରାରେ ଗୋରୁ ଚାଲାଣ ହେଉଥିଲା। ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ମାଧବେରିଣୀ ଗ୍ରାମ ନିକଟରେ ପୋଲିସ ଟିମ୍ ଅଚାନକ ଚଢ଼ାଉ କରି ପିକଅପ ଭ୍ୟାନ୍‌କୁ ଜବତ କରିବା ସହ ଗାଡ଼ି ଚାଳକ ଦିଲୀପ କୁମାର ପ୍ରଧାନ ଓ ଗୋରୁ ବେପାରୀ ପବିତ୍ର ରାଉତକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଖଣ୍ଡପଡ଼ା ଥାନା ସୂତ୍ରରୁ ଜଣାପଡିଛି। ଭ୍ୟାନରେ ବୋଝେଇ ୭ଟି ଗୋରକୁ ପୋଲିସ ଉଦ୍ଧାର କରି ଗୋଶାଳା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କଠାରୁ ପ୍ରକାଶ। ଗାଡ଼ି ଚାଳକ ଦିଲୀପଙ୍କ ଘର କଟକ ଜିଲାର ବଡ଼ମ୍ବା ଥାନା ଅଧୀନ ଗୋବର୍ଦ୍ଧନପୁର ଗାଁରେ ହୋଇଥିବାବେଳେ ଗୋରୁ ବେପାରୀ ପବିତ୍ରଙ୍କ ଘର କଟକ ଜିଲାର କାନପୁର ଥାନା ଅଧୀନ ପଦାମାଳ ଗାଁରେ ବୋଲି ଜଣାପଡ଼ିଛି। ନୟାଗଡ଼, ଖଣ୍ଡପଡ଼ା ଓ ଗଣିଆ ଅଞ୍ଚଳରୁ ନିୟମିତ ଭାବେ ସିଧାମୂଳା ମହାନଦୀ ସେତୁ ଦେଇ କଟକ ଜିଲା ଅଧୀନ ବିଭିନ୍ନ ଅଞ୍ଚଳକୁ ଚୋରାରେ ଗୋ ଚାଲାଣ ହେଉଥିବା ନେଇ ପୂର୍ବରୁ ପୋଲିସ ଓ ପ୍ରଶାସନ ନିକଟରେ ଅଭିଯୋଗ ଆସୁଥିଲା।

# ରାମଲୀଳାରେ ପର୍ଶୁରାମ ଭେଟ

**ଖଣ୍ଡପଡ଼ା,୬।୬ (ସ୍ୱ.ପ୍ର.)**

କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ରଘୁନାଥଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ରବିବାର ଥିଲା ତୃତୀୟ ମଞ୍ଚସ୍ଥ ନାଟକ 'ପର୍ଶୁରାମ ଭେଟ ଓ ମନ୍ଥରା ଗମନ'। ସଂସାରରୁ ଦୁଷ୍ଟମାନଙ୍କ ବିନାଶ ନିମନ୍ତେ ଭଗବାନ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅବତାର ଧାରଣ କରିଥାନ୍ତି। ଦୁଷ୍ଟଙ୍କ ବିନାଶ ପାଇଁ ବିଶ୍ୱାମିତ୍ର ଋଷି ମହାରାଜା ଦଶରଥଙ୍କୁ ଅନୁରୋଧ କରି ତାଙ୍କ ଦୁଇ ଧନୁର୍ଦ୍ଧର ପୁତ୍ର ରାମ ଓ ଲକ୍ଷ୍ମଣଙ୍କୁ ବନକୁ ନେଇଥିଲେ। ଫେରିବା ବାଟରେ ଦୁଇଭାଇ ବିଶ୍ୱାମିତ୍ରଙ୍କ ସହ ମିଥିଳା ନଗରୀକୁ ଯାଇଥିଲେ। ସେଠାରେ ଜନକ ନନ୍ଦିନୀ ସୀତାଙ୍କ ସ୍ୱୟଂବର ଅନୁଷ୍ଠିତ ହୋଇଥିଲା। ସେହି ସ୍ୱୟଂବର ସଭାରେ ରାମଚନ୍ଦ୍ର ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିଲେ। ଫେରିବା ବାଟରେ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ଭାବେ ଗର୍ବ କରୁଥିବା ପର୍ଶୁରାମଙ୍କ ସହ ରାମଚନ୍ଦ୍ରଙ୍କ ଭେଟ ହୋଇଥିଲା। ନିଜ ହାତରେ ଧାରଣ କରିଥିବା ଶିବଧନୁକୁ ଅନ୍ୟ କେହି ଉଠାଇପାରିବେ ନାହିଁ ବୋଲି ମନରେ ଗର୍ବ କରୁଥିବା ପର୍ଶୁରାମ ରାମଚନ୍ଦ୍ରଙ୍କୁ ସେହି ଧନୁକୁ ଧାରଣ କରିବାକୁ ବାଧ୍ୟ କରିଥିଲେ। ମାତ୍ର ରାମଚନ୍ଦ୍ର ପର୍ଶୁରାମଙ୍କ ଧନୁକୁ ଉଠାଇ ଧାରଣ କରିବା ପରେ ପର୍ଶୁରାମଙ୍କ ଗର୍ବ ଖଣ୍ଡନ ହୋଇଥିଲା। ଇତିମଧ୍ୟରେ ଅଯୋଧ୍ୟା ରାଜବାଟୀରେ ମନ୍ଥରା ଦାସୀର କୁମନ୍ତ୍ରଣାରେ ରାଣୀ କୈକେୟୀ ଦଶରଥଙ୍କ ନିକଟରୁ ୨ଟି ବର ମାଗି ନେଇଥିଲେ। ସେଥିମଧ୍ୟରୁ ପ୍ରଥମ ବର ଅନୁଯାୟୀ ଭରତ ଅଯୋଧ୍ୟାରେ ରାଜା ହେବ, ଦ୍ୱିତୀୟ ବର ରାମଙ୍କୁ ୧୪ ବର୍ଷ ବନବାସ ଯିବାକୁ ହେବ। ରାମଚନ୍ଦ୍ର ପିତୃସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ। ରବିବାର ମଞ୍ଚସ୍ଥ ଏହି ନାଟକ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମଞ୍ଚସ୍ଥ ନାଟକର ଶିଶୁ କଳାକାର ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ବିଶ୍ୱନାଥ କର, ଗୁଡୁ ଓ ଶ୍ରୀକାନ୍ତ ଅଭିନୟ କରିଥିବା ବେଳେ ପର୍ଶୁରାମ, ମନ୍ଥରା, ଜନକ, ଦଶରଥ, କୈକେୟୀ ଓ ବିଶ୍ୱାମିତ୍ର ଭୂମିକାରେ ଯଥାକ୍ରମେ ବାବୁଲି ମହାରଣା, କାର୍ତ୍ତିକ ମହାରଣା, ଶିଶିର ମହାରଣା, ଚିତ୍ତରଞ୍ଜନ ମହାରଣା, ମିଥୁନ, ଜୟ, ପ୍ରକାଶ, ଦୀପକ ମହାରଣା ଓ ପପୁନି ପ୍ରମୁଖ ନାଟକ ପରିବେଷଣ କରିଥିଲେ।


ମଞ୍ଚସ୍ଥ ନାଟକରେ ରାମ ଓ ପର୍ଶୁରାମଙ୍କ ଭେଟ।

- ମନ୍ଥରାର କୁମନ୍ତ୍ରଣାରେ ବନବାସ ଗଲେ ରାମଚନ୍ଦ୍ର
- ଗର୍ବ ଗଞ୍ଜନ ହେଲା ପର୍ଶୁରାମଙ୍କର

# ଛାତ୍ରୀ ବଳାତ୍କାର ଅଭିଯୋଗ, ଭିଣୋଇ ସମେତ ୨ ଗିରଫ

**ବ୍ରହ୍ମପୁର ଅଫିସ,୬।୬**

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଭିଣୋଇଙ୍କ ସମେତ ୨ଜଣଙ୍କୁ ସଦର ଥାନା ପୋଲିସ ସୋମବାର ଗିରଫ କରିଛି। ପୀଡ଼ିତାଙ୍କ ସମେତ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୨୩୦/୨୨ରେ ଅଭିଯୁକ୍ତଦ୍ୱୟ ତଥା ପୀଡ଼ିତାଙ୍କ ଭିଣୋଇ ଯୁଧିଷ୍ଠିର ଦାସ(୩୫) ଓ ଛାତ୍ରୀଙ୍କୁ ଅପହରଣ କରି ନେଇ ଏକ ଘରେ ରଖି ବଳାତ୍କାର କରିଥିବା ଶଙ୍କର ଦାସ(୧୯)ଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ଜେଏମ୍‌ଏଫ୍‌ସି କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ପୀଡ଼ିତାଙ୍କୁ ଗୋଷାଣୀ ନୂଆଗାଁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଛାତ୍ରୀ ଜଣଙ୍କ ସଦର ଥାନା ଅଞ୍ଚଳର ଭିଣୋଇ ଯୁଧିଷ୍ଠିର ଦାସଙ୍କ ଘରେ ରହି ୧୦ମ ଶ୍ରେଣୀରେ ପଢୁଥିଲେ। ଗତ ୩ ତାରିଖରେ ଶାଳୀଙ୍କୁ କେହି ଅପହରଣ କରି ନେଇଥିବା ଯୁଧିଷ୍ଠିର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୦/୨୨ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଲାଞ୍ଜିଆରେ ଏକ ଘରେ ଥିବା ନାବାଳିକାଙ୍କୁ ପୋଲିସ ରବିବାର ଉଦ୍ଧାର କରିଥିଲା। ପରେ ଅପହରଣକାରୀ ଶଙ୍କରଙ୍କୁ ମଧ୍ୟ ସେଠାରୁ ଗିରଫ କରାଯାଇଥିଲା। ଥାନାରେ ପୀଡ଼ିତାଙ୍କ ବୟାନ ପୋଲିସ ରେକର୍ଡ କରିଥିଲା। ପୀଡ଼ିତାଙ୍କୁ ଭିଣୋଇ ଯୁଧିଷ୍ଠିର ବଳାତ୍କାର କରିଥିବା ସେ ଅଭିଯୋଗ କରିଥିଲେ।

# ଆଦର୍ଶ ବିଦ୍ୟାଳୟ ନୂତନ କୋଠା କାର୍ଯ୍ୟକ୍ଷମ ଦାବି

**ଦଶପଲ୍ଲା,୬।୬ (ଡି.ଏନ.ଏ.)**

ଆଦର୍ଶ ବିଦ୍ୟାଳୟ ନିମନ୍ତେ ନିର୍ମିତ ନୂତନ କୋଠା କାର୍ଯ୍ୟକ୍ଷମ କରି ପିଲାଙ୍କୁ ପାଠ ପଢା ବ୍ୟବସ୍ଥା କରିବା ନିମନ୍ତେ ଅଭିଭାବକମାନେ ଦାବି ଜଣାଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଦଶପଲ୍ଲା ବ୍ଲକର ଡିହଗାଁଠାରେ ଗୃହ ନିର୍ମାଣ ହୋଇଛି। ତୁରନ୍ତ ଏହା କାର୍ଯ୍ୟକ୍ଷମ କରି ପିଲାମାନଙ୍କୁ ୧୭ ତାରିଖ ସୁଦ୍ଧା ସେଠାରେ ପାଠପଢା ବ୍ୟବସ୍ଥା କରିବା ନିମନ୍ତେ ଅଭିଭାବକ ମାନଙ୍କ ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ସୋମବାର ଦଶପଲ୍ଲା ବିଡିଓ ତଥା ଆଦର୍ଶ ବିଦ୍ୟାଳୟ ଉପାଧ୍ୟକ୍ଷଙ୍କୁ ଦାବିପତ୍ର ଏକ ପ୍ରଦାନ କରାଯାଇଛି। ବର୍ତ୍ତମାନ ଅସ୍ଥାୟୀ ଭାବେ ରାଧାମୋହନ ଜୀଉ ନୋଡାଲ ସ୍କୁଲରେ ପାଠ ପଢା ଚାଲିଛି। ସେଠାରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୨୪୦ ପିଲା ପାଠ ପଢୁଥିବା ଜଣାଯାଇଛି। ସେମାନେ ପାଠପଢାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ନୂତନ କୋଠା କାର୍ଯ୍ୟକ୍ଷମ କରି ପିଲାମାନଙ୍କୁ ସୁସ୍ଥ ବାତାବରଣ ମଧ୍ୟରେ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି ହୋଇଛି।



ନୂତନ ଆଦର୍ଶ ବିଦ୍ୟାଳୟର ଗୃହ।

# ବନମାଳୀ ୟୁପି ସ୍କୁଲକୁ ପ୍ରକୃତି ମିତ୍ର



ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ରଥ ମାନପତ୍ର ଗ୍ରହଣ କରୁଛନ୍ତି।

**ନୟାଗଡ଼ ଅଫିସ,୬।୬**

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ରବିବାର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶିଖରପୁର ପଞ୍ଚାୟତର ବନମାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଚଳିତ ୨୦୨୨ବର୍ଷ ପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ରଥଙ୍କୁ ମାନପତ୍ର ସହ ୨୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଯୋଗ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ରାଜୀବ କୁମାର ଓ ସୁଶାନ୍ତ କୁମାର ନନ୍ଦ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ପୁରସ୍କୃତ କରିଛନ୍ତି।

# ଅଭିଯୋଗ ଲାଗି ସଦ୍‌ଭାବନା କକ୍ଷ ଆଗରେ ଭିଡ଼

**ନୟାଗଡ଼ ଅଫିସ,୬।୬**

ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ତେବେ ଜିଲାପଳଙ୍କ ଜନଶୁଣାଣି ଶିବିର ଭିତରକୁ ଅଭିଯୋଗ କରିବାକୁ ଯିବାକୁ ଓ ଅଭିଯୋଗ କରି ଫେରିବାକୁ ସୋମବାର ଅବ୍ୟବସ୍ଥାର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୋଗକାରୀଙ୍କୁ ଶୃଙ୍ଖଳିତର ସହ ଭିତରକୁ ଛାଡିବା ଓ ଅଭିଯୋଗ ପରେ ବାହାରକୁ ଛାଡିବା କାର୍ଯ୍ୟରେ ନିୟୋଜିତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଖାମଖିଆଲୀ ମନୋଭାବ ଯୋଗୁ ଏଭଳିଆ ପରିସ୍ଥିତି ଦେଖାଦେଇଥିଲା। ଜିଲା ଯୋଗାଣ ଅଧିକାରୀଙ୍କ ପରି କେତେଜଣ ଜିଲାସ୍ତରୀୟ ଅଧିକାରୀ ସଦ୍‌ଭାବନା କକ୍ଷ ନିକଟରେ ଭିଡକୁ ଅତିକ୍ରମ କରି ଭିତରକୁ ଯାଇ ପାରି ନ ଥିଲେ। ପ୍ରାୟ ୨ ଘଣ୍ଟା ଧରି ଅବ୍ୟବସ୍ଥା ଲାଗି ରହିବା ପରେ ପ୍ରତିବାଦ ପରେ ସ୍ଥିତି ବଦଳି ଥିଲା। ଭିତରପଟୁ ୪ର୍ଥ ଶ୍ରେଣୀ କର୍ମଚାରୀ କବାଟ ଦେବା ପରେ ଭିଡ ହଟିଥିଲା। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପାଳ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିଥିଲେ। ସମୁଦାୟ ୧୦୯ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ବ୍ୟକ୍ତିଗତ ଭାବେ ୮୮ଗୋଟି ଅଭିଯୋଗ, ସାମୂହିକ ଗ୍ରାମ ବିବାଦ ୪ ଟିର ଶୁଣାଣି କରାଯାଇ ସମୁଦାୟ ୪୭ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପଣ୍ଡରୁ ୧୫ଜଣ ଦରଖାସ୍ତକାରୀଙ୍କୁ ୧ଲକ୍ଷ ୨୨ ହଜାର ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ସେହିପରି ରେଡ୍‌କ୍ରସ ସଂସ୍ଥାରୁ ୨ଜଣ ଦରଖାସ୍ତକାରୀଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ଅନୁଦାନ ଅନୁରୂପ ଭାବେ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୟାଗଡ଼, ଅତିରିକ୍ତ ତହସିଲଦାର, ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ବିଭିନ୍ନ ଅଭିଯୋଗଗୁଡିକ ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।




- ଜନଶୁଣାଣି ଶିବିରକୁ ଯିବା ଆସିବାରେ ଅବ୍ୟବସ୍ଥା
- ଅଧିକାରୀ କିଛି ସମୟ ଅଟକି ରହିଲେ

# ୨ମୃତ ବାର୍‌ହା ଜବତ, ୪ ଶିକାରୀ ଗିରଫ

**ପାତ୍ରପୁର, ୬।୬ (ଡି.ଏନ.ଏ.)**

ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନ ବନସୋଲା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ବାର୍‌ହା ଶିକାର ବେଳେ ୪ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବି. ଅର୍ଜୁନ ସିଂ, ଜେ. ରାଧେର୍ ସିଂ, ମଞ୍ଜିର ସିଂ, ଏମ୍. ସୀମାଞ୍ଚଳ। ରେଞ୍ଜର ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ରାତି ସମୟରେ ପାଟ୍ରୋଲିଂ ଚାଲିଥିବା ବେଳେ ଦୁଇଟି ମୃତ ବାର୍‌ହା ଜବତ ସହ ଗୋଟିଏ ଅଟୋ ଜବତ କରାଯାଇଛି। ଏ ନେଇ ନଂ. ୬୦/୨୨-୨୩ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ପ୍ରକାଶ କରିଛନ୍ତି।

# ଠିପିଖୋଲା ମଦ ଦୋକାନ ବନ୍ଦ ନେଇ ଲୋକାୟୁକ୍ତରେ ମାମଲା

**ନୟାଗଡ଼ ଅଫିସ,୬।୬**

ନୟାଗଡ଼ ପୁରୁଣା ସହରର ୭ ନଂ. ୱାର୍ଡରେ ଠିପିଖୋଲା ମଦ ଦୋକାନ ଖୋଲିବାକୁ ବିରୋଧ ପରେ ଅବକାରୀ ବିଭାଗ ଲାଇସେନ୍ସ ଦେବାକୁ ପ୍ରକ୍ରିୟା ଜାରି ରହିଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳ, ଅବକାରୀ କମିଶନର, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନୟାଗଡ଼, ନୟାଗଡ଼ ଏସ୍‌ପିଙ୍କୁ ଅବଗତ କରାଇବା ପରେ ସୁଫଳ ପାଇନାହାନ୍ତି। ଶେଷରେ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଛି। ପ୍ରହ୍ଲାଦ ପାତ୍ର ନାମରେ ଜଣେ ଯୁବକ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରସ୍ତାବିତ ମଦ ଦୋକାନ ପେଟ୍ରୋଲ ପମ୍ପଠାରୁ ମାତ୍ର ୧୦୦ ମିଟର ଦୂରରେ କରାଯିବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ସ୍ଥାନରେ ଠିପିଖୋଲା ମଦ ଦୋକାନର ଅନୁମତି ଦେବାକୁ ଜିଲା ପ୍ରଶାସନ ନିକଟରେ ଆବେଦନ ହୋଇଛି। ଯଦି ପେଟ୍ରୋଲ ପମ୍ପ ନିକଟରେ ମଦ ଦୋକାନକୁ ଅନୁମତି ମିଳେ ତେବେ ନୟାଗଡ଼ ସଦର ଥାନା ଏହା ନିକଟରେ ରହିଛି। ପୁଣି ପାଖରେ ନୂଆ ବସ୍‌ଷ୍ଟାଣ୍ଡ, ସେବା ଆଶ୍ରମ ସ୍କୁଲ, ଅଳ୍ପ ଦୂରରେ ଜଗନ୍ନାଥ ମନ୍ଦିର ରହିଛି। ଏଠାରେ ମଦ ଦୋକାନ ଖୋଲିଲେ ଅସାମାଜିକ କାର୍ଯ୍ୟ କଳାପ ବଢ଼ିବ। ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳ ହେବ। ଏଣୁ ସଡକସାହି ଓ ଝୁମ୍ପୁରୀର ବାସିନ୍ଦା ଏହାର ପ୍ରତିବାଦ କରିଛନ୍ତି।